## କଞ୍ଚା ଇଲିସି ମାଛ ବେସର

**ଆବଶ୍ୟକ ସାମଗ୍ରୀ:** ଇଲିସି ମାଛ, କଟା ପିଆଜ, କଟା ଟମାଟୋ, କଞ୍ଚା ଲଙ୍କା, କଟା ରସୁଣ, ଅଦା ଓ ରସୁଣ ପେଷ୍ଟ, ବଟା ସୋରିଷ, ସୋରିଷ ତେଲ, ଲୁଣ, ହଳଦୀ, ଲଙ୍କା ଗୁଣ୍ଡ ଓ କରି ପାଉଡର।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଇଲିସି ମାଛକୁ ଭଲ ଭାବେ ଧୋଇ ଦିଅନ୍ତୁ। ତା'ପରେ ସେଥିରେ ଲୁଣ ଓ ହଳଦୀ ପକାଇ ଭଲ ଭାବେ ଗୋଳାଇ ରଖି ଦିଅନ୍ତୁ। କଡ଼େଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଞ୍ଚା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହେବା ପରେ ଅଦା ଓ ରସୁଣ ପେଷ୍ଟ ଦିଅନ୍ତୁ। ତା'ସହିତ ଛୋଟ ଛୋଟ ଖଣ୍ଡରେ କଟା ହୋଇଥିବା ରସୁଣ ପକାନ୍ତୁ । ଏହା ତରକାରୀର ସ୍ୱାଦକୁ ବଢ଼ାଇଥାଏ। ଟମାଟୋ ଓ କରି ପାଉଡର ପକାଇ ମସଲାକୁ କଷନ୍ତୁ। ମସଲା କଷି ହେବା ପରେ ବଟା ସୋରିଷ ପକାଇ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ଏହା ଫୁଟିବା ପରେ କଞ୍ଚା ଇଲିସି ମାଛକୁ ସେଥିରେ ପକାନ୍ତୁ ଓ କଡ଼େଇକୁ ଘୋଡ଼ାଇ ଦିଅନ୍ତୁ। ସ୍ୱାଦ ଅନୁସାରେ ଆପଣ ଏଥିରେ ଲୁଣ ପକାଇ ପାରିବେ। ମାଛ ସିଝିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ, ଧନିଆ ପତ୍ର ପକାନ୍ତୁ ଏବଂ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଞ୍ଚା ଇଲିସି ମାଛ ବେସର।



ଖବର

# 'ଚ୍ୟାଲେଞ୍ଜ୍' ସହ ଫେରିଲେ ଏଲିନା



ଓଡ଼ିଆ ଚଳଚ୍ଚିତ୍ରର ଅନ୍ୟତମ ଲୋକପ୍ରିୟ ନାୟିକା ଏଲିନାଙ୍କୁ ପୁଣି ଦର୍ଶକ କେବେ ବଡ଼ ପରଦାରେ ଦେଖିବାକୁ ପାଇବେ ସେ ନେଇ ସିନେପ୍ରେମୀଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥିଲା। ଗତବର୍ଷ ଏଲିନା ବିବାହ ବନ୍ଧନରେ ଆବଦ୍ଧ ହେବା ପରେ ପ୍ରାୟ ବର୍ଷେ ହେବ ତାଙ୍କୁ କେଣସି ସିନେମାରେ ଦେଖିବାକୁ ମିଳି ନଥିଲା। ବିବାହ ପରେ ଅବଶ୍ୟ ସେ ରିୟାଲିଟି ସୋ'ରେ ବିଚାରକ ଭାବେ ଅଂଶଗ୍ରହଣ କରିଥିଲେ। ଏଲିନାଙ୍କ ପ୍ରଶଂସକଙ୍କ ପାଇଁ ଖୁସି ଖବର ହେଲା, ପୁଣି ଏକ ଓଡ଼ିଆ ସିନେମାରେ ଅଭିନୟକୁ ଫେରିଛନ୍ତି ସେ। ଜୀ ସାର୍ଥକ ଓ ଆଦିଲକ୍ଷ୍ମୀ ଏ□ର୍ଟେନ୍ମେ□୍ ବ୍ୟାନରେ ପ୍ରସ୍ତୁତ ଏହି ଓଡ଼ିଆ ଛବି 'ଚ୍ୟାଲେଞ୍ଜ୍'ରେ ନାୟିକା ଭୂମିକାରେ ଅଭିନୟ କରୁଛନ୍ତି ଏଲିନାୟ ଏହାର ପ୍ରଥମ ପର୍ଯ୍ୟାୟ ସୁଟିଂ ରାମୋଜି ଫିଲ୍ମସିଟିରେ ଶେଷହୋଇଛି। ଏହି ଛବିରେ ଏଲିନାଙ୍କ ନାୟକ ବନିଛନ୍ତି 'ଅ ଆ ହର୍ଷେଇ', 'ଟପୋରି', 'ବ୍ଲାକ୍ମେଲ୍', 'ମୁଁ ପରଦେଶୀ ଚଢେଇ' ଓ 'ଭିଲେନ୍' ଫେମ୍ ଅର୍ଦ୍ଧେନ୍ଦୁ। ଆଗରୁ ବାବୁସାନ୍, ଅନୁଭବ, ଅରିନ୍ଦମ, ସବ୍ୟସାଚୀ ଓ ଆକାଶଙ୍କ ପରି ଆଗଧାଡ଼ିର ନାୟକଙ୍କ ସହ ପରଦାରେ ନଜର ଆସିଥିବା ଏଲିନା ପ୍ରଥମଥର ଲାଗି ଅର୍ଦ୍ଧେନ୍ଦୁଙ୍କ ସହ ନଜର ଆସିବେ। ଏଣେ ଆଗରୁ ଅନୁଭା ଓ ତମନ୍ନାଙ୍କ ଭଳି ଜଣାଶୁଣା ନାୟିକାଙ୍କ ସହ କାମ କରିଥିବା ଅର୍ଦ୍ଧେନ୍ଦୁ ଏଲିନାଙ୍କ ସହ ପ୍ରଥମକରି ଯୋଡ଼ି ବନାଇଛନ୍ତି। 'ଚ୍ୟାଲେଞ୍ଜ୍' ଏକ ଆକ୍ସନ୍ ଫିଲ୍ମ ହେଲେ ବି ଏଥିରେ ରୋମାନ୍ସର ତଡ଼କା ରହିଛି। ସାଇ ମଙ୍ଗରାଜ ଏହି ସିନେମାର ନିର୍ଦ୍ଦେଶକ। 'ସେଲ୍ଫିସ୍ ଦିଲ୍', 'କୁହୁଡ଼ି', 'ତ୍ରିକନ୍ୟା' ଓ 'କର୍ମ' ଫେମ୍ ମାନସ ପିଆରୀ ଏହାର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି। ପ୍ରତାପ ରାଉତ ସିନେମାଟୋଗ୍ରାଫି କରିଥିବା ବେଳେ ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦୟ ଅର୍ଦ୍ଧେନ୍ଦୁ-ଏଲିନାଙ୍କ ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି, ତାହା 'ଚ୍ୟାଲେଞ୍ଜ୍' ରିଲିଜ୍ ହେବା ପରେ ଜଣାପଡ଼ିବ।

## ଈଶ୍ୱରଙ୍କ ଅନୁଭବ



ଜଣେ ଧାର୍ମିକ ବ୍ୟକ୍ତି ଥିଲେ । ଈଶ୍ୱରଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ରହିଥିଲା । ସେ ମନରେ ପ୍ରଭୁଙ୍କର ଏକ ଚିତ୍ର ଆଙ୍କିଦେଇଥିଲେ । ଦିନେ ସେହି ବ୍ୟକ୍ତିଜଣକ ଡାକିଲେ, ହେ ଈଶ୍ୱର ମୋ ସହ କଥା ହୁଅନ୍ତୁ । ଏହି ସମୟରେ ଏକ ପକ୍ଷୀ ରାବ କଲା । କିନ୍ତୁ ସେ ଶୁଣିପାରିଲେ ନାହିଁ । ସେ ପୁଣି ଥରେ ଜୋର୍‌ରେ ଈଶ୍ୱରଙ୍କୁ ଡାକିଲେ । ଏହି ସମୟରେ ଆକାଶରେ କିଛି ବାଦଲ ଗର୍ଜିଲା । ସେ ବ୍ୟକ୍ତିଜଣଙ୍କ ଚାରି ଆଡ଼କୁ ଚାହିଁଲେ ଏବଂ କହିଲେ, ଭଗବାନ ଦୟାକରି ମୋ ସମ୍ମୁଖକୁ ଆସନ୍ତୁ । ସେ ଏତକ କହିବା କ୍ଷଣି ଆକାଶରୁ ବାଦଲ ହଟିଗଲା ଏବଂ ସୂର୍ଯ୍ୟ ଚମକିବାକୁ ଲାଗିଲେ । ଶେଷରେ ସେହି ବ୍ୟକ୍ତିଜଣକ ଖୁବ୍ ଜୋରରେ ଚିଲ୍ଲାଇ କହିଲେ ଭଗବାନ ମୋତେ କୌଣସି ଚମତ୍କାର ଦେଖାନ୍ତୁ । ଏହି ସମୟରେ ଏକ ଶିଶୁ ଜନ୍ମ ନେଲା ଏବଂ ତା'ର ପ୍ରଥମ ରୋଦନ ବ୍ୟକ୍ତିଜଣଙ୍କୁ ଶୁଣାଗଲା । କିନ୍ତୁ ସେ ସେଥିପ୍ରତି ଧ୍ୟାନ ଦେଲେ ନାହିଁ । ଏବେ ସେହି ବ୍ୟକ୍ତିଜଣଙ୍କ କାନ୍ଦିବାକୁ ଲାଗିଲେ ଏବଂ ଭଗବାନଙ୍କୁ ପ୍ରାର୍ଥନା କରି କହିଲେ- ହେ ଭଗବାନ ମୋତେ ଥରେ ଛୁଇଁ ଦିଅନ୍ତୁ, ଯାହାଦ୍ୱାରା ମୁଁ ଜାଣିପାରିବି ଯେ ଆପଣ ମୋ ପାଖରେ ଅଛନ୍ତି ବୋଲି । ତାଙ୍କ କଥା ନସରୁଣୁ ପ୍ରଜାପତିଟିଏ ଆସି ତାଙ୍କ ହାତରେ ବସିଗଲା । କିନ୍ତୁ ବ୍ୟକ୍ତିଜଣକ ସେହି ପ୍ରଜାପତିକୁ ଉଡ଼ାଇ ଦେଲେ ଏବଂ ଉଦାସ ମନରେ ଆଗକୁ ଚାଲିଲେ । ଭଗବାନ ଏତେ ରୂପରେ ସେହି ବ୍ୟକ୍ତି ଜଣଙ୍କ ନିକଟରେ ପହଞ୍ଚିବାକୁ ଚେଷ୍ଟା କଲେ । କିନ୍ତୁ ସେ ଈଶ୍ୱରଙ୍କୁ ଚିହ୍ନି ପାରିଲେ ନାହିଁ । କାରଣ ତାଙ୍କ ମନରେ ଈଶ୍ୱରଙ୍କ ଅନୁଭବ ନଥିଲା । ଈଶ୍ୱର ପ୍ରତ୍ୟେକ ସ୍ଥାନରେ ରହିଛନ୍ତି । ସେ ଭିନ୍ନ ଭିନ୍ନ ରୂପରେ ଆମ ନିକଟକୁ ଆସିଥାନ୍ତି । ଆମେ କେବଳ ତାଙ୍କୁ ଚିହ୍ନି ପାରିବା ଆବଶ୍ୟକ

# ଘରେ ଲାଗିଥିବା ବୁଢିଆଣି ଜାଲକୁ ସଫା କରନ୍ତୁ

ଘରକୁ ସୁନ୍ଦର ରଖିବା ପାଇଁ ଏହାର ପରିଷ୍କାର ପରିଚ୍ଛନ୍ନତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଯଦି ଘରେ ବୁଢିଆଣି ଜାଲ ଲାଗିଥାଏ ତେବେ ତାହାକୁ ତୁରନ୍ତ ସଫା କରିବା ଉଚିତ। ବାସ୍ତୁ ଅନୁସାରେ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରେ ନକାରାତ୍ମକ ଶକ୍ତି ଆଣିଥାଏ। ଏଥି ସହିତ, ଅନେକ ସମସ୍ୟାର ସାମ୍ନା କରିବାକୁ ମଧ୍ୟ ପଡିଥାଏ ,ଯେପରିକି



୧. ଘରକୁ ଭଲ ଭାବରେ ସଫା କରିବା ଅତ୍ୟନ୍ତ ଜରୁରୀ। ଏହା ଦ୍ୱାରା ଦେବୀ ଲକ୍ଷ୍ମୀଙ୍କର ଆଶୀର୍ବାଦ ରହିଥାଏ। ଏପରି ଘରେ, ଯେଉଁଠାରେ ମଇଳା ଏବଂ ବୁଢିଆଣି ଜାଲ ରହଥାଏ ସେଠାରେ ଟଙ୍କା ରହେ ନାହିଁ। ଏହା ସହିତ ଅର୍ଥ ସମ୍ବନ୍ଧୀୟ ସମସ୍ୟାର ସାମ୍ନା ସୃଷ୍ଟି କରିଥାଏ।

୨. ଯେଉଁ ଘରର କାନ୍ଥ ଏବଂ ଛାତଗୁଡିକରେ ବୁଢିଆଣି ଜାଲ ରହିଥାଏ ସେଠାରେ ନକାରାତ୍ମକ ଶକ୍ତି ବଢିଥାଏ । ଏହା ବ୍ୟତୀତ ଘରର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ମଧ ଖରାପ ପ୍ରଭାବ ପକାଇଥାଏ ।

୩. ଅନେକ ଦିନ ଧରି ଘରେ ବୁଢିଆଣି ଜାଲ ରହିବା ଅତ୍ୟନ୍ତ ଅଶୁଭ ବୋଲି ବିବେଚନା କରାଯାଏ। ଏହା ଘରର ସଦସ୍ୟମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିଥାଏ ।

୪. ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଯେଉଁ ଘରେ ବୁଢିଆଣି ଜାଲ ଦେଖାଯାଏ ସେହି ଘରେ ସବୁବେଳେ ସଙ୍କଟ ଘେରି ରହିଥାଏ । ସେହି ଘରର ସଦସ୍ୟମାନଙ୍କୁ ସର୍ବଦା କୌଣସି ନା କୌଣସି ଅସୁବିଧାର ସମ୍ମୁଖୀନ ହୋବାକୁ ପଡିଥାଏ । ଏହା ସହିତ, ବାରମ୍ବାର ବିଫଳତା ମଧ ହାସଲ ହୋଇଥାଏ।

୫. ଯେତେବେଳେ ବି ଘରେ ବୁଢିଆଣି ଜାଲ ହୋଇଥାଏ ଏହାକୁ ତୁରନ୍ତ ସଫା କରିବା ଉଚିତ। ନଚେତ ବିଫଳତା ସହିତ ଦୁର୍ଭାଗ୍ୟ ଏବଂ ଅର୍ଥର ଅଭାବ ସୃଷ୍ଟି କରିଥାଏ।

# କର୍ମଦୋଷରୁ ଆୟୁଷ ହାନି ହୋଇଥାଏ



ଲଙ୍କାପତି ରାବଣ ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ଭୂମିରେ ପଡ଼ି ଛଟପଟ ହେଉଥିଲା । ସେତିକିବେଳେ ପ୍ରଭୁ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ତାଙ୍କ ନିକଟକୁ ପଠାଇଥିଲେ କହିଲେ, 'ଜଣେ ମହାଜ୍ଞାନୀଙ୍କର ମହାପ୍ରୟାଣ ହେବାକୁ ଯାଉଛି । ଯଦି କିଛି ରାଜଧର୍ମ ଶିଖିବାର ଅଛି ତେବେ ତାଙ୍କ ପାଖକୁ ଯାଅ ଏବଂ ସେ କହୁଛନ୍ତି ଶୁଣ । ଲକ୍ଷ୍ମଣ ବଡ଼ଭାଇଙ୍କ ଆଦେଶ ପାଳନ କରି ରାବଣ ପାଖକୁ ଗଲେ । ଜୀବନର ଶେଷ ସମୟରେ ରାବଣ ମନେ ମନେ ଲକ୍ଷ୍ମଣଙ୍କ ଭଳି ଆଚରଣସିଦ୍ଧ ଲୋକଙ୍କୁ ଖୋଜୁଥିଲା । ରାବଣ ଓ ଲକ୍ଷ୍ମଣଙ୍କ ଭିତରେ ଫରକ ହେଉଛି ରାବଣ ଯୋଦ୍ଧା ଥିଲେ କିନ୍ତୁ ଆଚରଣସିଦ୍ଧ ନ ଥିଲେ । ଅନ୍ୟପକ୍ଷରେ ଲକ୍ଷ୍ମଣ ଥିଲେ ଯୋଦ୍ଧା ଓ ଆଚରଣସିଦ୍ଧ । ରାବଣ କହିଲା, 'ମୁଁ ଯେତେବେଳେ ଯାହା ଚାହିଁଛି ପାଇଛି, କିନ୍ତୁ ପ୍ରଜାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତିନିଟି କଥା ପୂରଣ କରିପାରିଲି ନାହିଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଲଙ୍କା ନଗରରୀର ଚାରିପାଖକୁ ଲାଗି ରହିଥିବା ସମୁଦ୍ରପାଣିକୁ ମିଠା କରିବା। ଦ୍ୱିତୀୟ ହେଉଛି ଯେଉଁମାନେ ପୃଥିବୀରେ ରହି ନରକ ଯନ୍ତ୍ରଣା ଭୋଗୁଛନ୍ତି ସେମାନଙ୍କୁ ସ୍ୱର୍ଗସୁଖ ଦେବା ଏବଂ ତୃତୀୟଟି ହେଉଛି ଲଙ୍କାପୁରରୁ ସ୍ୱର୍ଗପୁର ପର୍ଯ୍ୟନ୍ତ ନିଶୁଣି ପକାଇବା । ରାବଣର କଥାଗୁଡ଼ିକ ଲକ୍ଷ୍ମଣ ବଡ଼ ଭାଇ ରାମଚନ୍ଦ୍ରଙ୍କୁ କହିଲେ। ରାମଚନ୍ଦ୍ର ଶୁଣି ହସିଲେ ଆଉ କହିଲେ 'ଶେଷ ସମୟରେ ଯାହା କୁହାଯାଏ ତାହା ପଶ୍ଚାତାପ ରାବଣ ଯଦି ଭଲକାମ କରିବାକୁ ଚାହୁଁଥିଲା ଆଗୁଆ ନାହିଁ କାହିଁକି ? ରାବଚନ୍ଦ୍ର କହିଲେ "ରାବଣ ଭଲ କାମଗୁଡ଼ିକୁ ଆଜି କରିବି କାଲି କରିବି କହି ଖରାପ କାମଗୁଡ଼ିକୁ କରି ଚାଲିଲା। ତେଣୁ ତାର ଆୟୁଷ ହାନି ଘଟିଲା ଆଉ କର୍ମଦୋଷରୁ ଆଜି ତାର ଏ ଅବସ୍ଥା" ସେ ଭଲ କାମଗୁଡ଼ିକୁ ଆଗେ କରିଥିଲେ ହୁଏତ ଏତେ ଶୀଘ୍ର ମରି ନ ଥା'ନ୍ତା ।ଗଳ୍ପର ସାରମର୍ମ ହେଉଛି... କର୍ମଦୋଷରୁ ମଣିଷ ନିଜର ଆୟୁଷହାନି କରିଥାଏ । ରାବଣ ରାମଙ୍କ ବାଣରେ ମରିବାରୁ ତାଙ୍କର ମୋକ୍ଷପ୍ରାପ୍ତି ହେଲା ଏହା ସତ୍ୟ । କିନ୍ତୁ କୁକର୍ମ ପାଇଁ ତାକୁ ଶୀଘ୍ର ମରିବାକୁ ପଡ଼ିଲା। ରାବଣ ଉପରେ ଦେବ, ଦାନବ, ମାନବ ଏମିତି ଶହ ଶହ ଅଭିଶାପରେ ଅଭିଶପ୍ତ ହୋଇ ରହିଥିଲା ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ, ମହାଶାସ୍ତ୍ରୀ । ସେ ଥିଲା ପ୍ରଜାବତ୍ସଳ । ରାବଣର ରାଜତ୍ୱକାଳରେ ଲଙ୍କା ଥିଲା ସୁବର୍ଣ୍ଣନଗରୀ। ଏତେ ସବୁ ଗୁଣ ଥାଇ ମଧ୍ୟ ତାଙ୍କର ଅପମୃତ୍ୟୁ ଘଟିଥିଲା । ରାବଣର ଗର୍ବ, ଅହଙ୍କାର ଆଉ ଦୌରାତ୍ମ୍ୟ ଏତେ ବଢ଼ି ଯାଇଥିଲା ଯେ ସ୍ୱୟଂ ଭଗବାନ ତାକୁ ମାରିବାକୁ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ଜ୍ଞାନ ଓ ପାଣ୍ଡିତ୍ୟର ଅହଂକାର ରାବଣକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲେ । ସେଥିପାଇଁ କୁହାଯାଏ 'ଅତିଗର୍ବେ ହତ ଲଙ୍କା' ଅର୍ଥାତ୍, ରାବଣ ଏକ ଅମାନବୀୟ ଗୁଣ ଓ ଚରିତ୍ରର ଅଧିକାରୀ। ରାବଣ ଅହଙ୍କାରୀ ଥିଲା । ତାଙ୍କ କଥା ଓ କାମରେ ସନ୍ତୁଳନ ନ ଥିଲା। ସେ ବଡ଼ ଅଳସୁଆ ମଧ୍ୟ ଥିଲା। ରାମରାଜ୍ୟ ଓ ରାବଣରାଜ୍ୟ ଭିତରେ ଫରକ୍ ହେଉଛି ରାବଣ ରକ୍ତପାତ କରି ସାମ୍ରାଜ୍ୟ ବଢ଼ାଇବାକୁ ଚାହୁଁଥିଲେ । କିନ୍ତୁ ରାମଚନ୍ଦ୍ର ସମସ୍ତଙ୍କର ମଙ୍ଗଳ କରିବା ପାଇଁ ଚାହୁଁଥିଲେ। ସାରା ବିଶ୍ୱବାସୀଙ୍କ ମଙ୍ଗଳ ଚିନ୍ତା କରିବା ଓ ଶାନ୍ତି ସ୍ଥାପନ ପଥରେ ଅଗ୍ରସର ହେବା ଅସଲ ମଣିଷପଣିଆ ।

# ଅସ୍ତ ହେବେ ଗୁରୁ ବୃହସ୍ପତି; ୩ରାଶିରେ କ୍ୟାରିୟର ଓ ବ୍ୟବସାୟ ହେବ ବୃଦ୍ଧି

ଜ୍ୟୋତିଷ ଶାସ୍ତ୍ରର ଗଣନା ଅନୁସାରେ ଗୁରୁ ବୃହସ୍ପତି ଜୁନ୍ ୧୨ ଗୁରୁବାର ସନ୍ଧ୍ୟା ୭ଟା ୫୬ମିନିଟରେ ଅସ୍ତ ହେବେ । ଜୁଲାଇ ୯ ତାରିଖ ବୁଧବାର ସକାଳ ୪.୪୪ମିନିଟରେ ଉଦିତ ହେବେ । ଏହି ସମୟରେ ବୃହସ୍ପତି ମୋଟ ୨୭ଦିନ ପାଇଁ ଅସ୍ତ ଅବସ୍ଥାରେ ରହିବେ । ଏହି ସମୟରେ ବିବାହ, ଶୁଭ କାର୍ଯ୍ୟ ଏବଂ ନୂତନ



କାର୍ଯ୍ୟ କରିବା ନିଷେଧ ବୋଲି କୁହାଯାଏ । ବୃହସ୍ପତି ଉଦିତ ହେବା ପରେ ହିଁ ପୁଣି ଶୁଭ କାର୍ଯ୍ୟ ଆରମ୍ଭ ହେବ । ଜ୍ୟୋତିଷଙ୍କ ମତରେ ବୃହସ୍ପତିଙ୍କ ଅସ୍ତ ସମୟରେ ଅନେକ ରାଶି ପାଇଁ ଲାଭଦାୟକ ମଧ ହୋଇଥାଏ । ଏଥର ୩ଟି ରାଶି ପାଇଁ ଅତ୍ୟନ୍ତ ଶୁଭଦାୟକ ରହିଛି । ସେମାନଙ୍କ କ୍ୟାରିୟର, ଚାକିରି, ବ୍ୟବସାୟ ଏବଂ ବାଣିଜ୍ୟରୁ ପ୍ରଚୁର ଲାଭ ମିଳିବାର ସମ୍ଭାବନା ରହିଛି । ଚାଲନ୍ତୁ ଜାଣିବା ୩ଟି କେଉଁ କେଉଁ ରାଶି ।ମେଷ: ବୃହସ୍ପତି ଅସ୍ତ ହେବା ସହିତ ମେଷ ରାଶିର ଜାତବ୍ୟକ୍ତିଙ୍କ ପାଇଁ ଏହା ଆତ୍ମନିରୀକ୍ଷଣ ଏବଂ ଆତ୍ମ ବିକାଶର ସମୟ ହେବ ୟ କର୍ମକ୍ଷେତ୍ରରେ କିଛି ପୁରୁଣା ପଡି ରହିଥିବା କାମ ଆଗକୁ ଗତି କରିବ ।ନିଜର କ୍ଷମତା ଉପରେ ବିଶ୍ୱାସ ରଖି କ୍ୟାରିୟରରେ ଆଗକୁ ବଢିବା ଉଚିତ । ଆତ୍ମନିର୍ଭରଶୀଳତା ଏବଂ ନେତୃତ୍ୱ ଦକ୍ଷତା ଆପଣଙ୍କୁ ସମ୍ମାନ ଏବଂ ଆର୍ଥିକ ଲାଭ ଦେବ ୟ ସରକାରୀ କ୍ଷେତ୍ର ସହିତ ଜଡିତ ଲୋକଙ୍କ ପାଇଁ ପଦୋଉତିର ସମ୍ଭାବନା ରହିଛ।

କର୍କଟ : ବୃହସ୍ପତି ଅସ୍ତ ସମୟରେ ଏହି ରାଶିର ବ୍ୟକ୍ତି ବରଦାନଠାରୁ କମ୍ ନୁହେଁ । ଆପଣଙ୍କର ଷଷ୍ଠ ଇନ୍ଦ୍ରିୟ ବହୁତ ତୀକ୍ଷ୍ଣ ହେବ ଏବଂ ଆପଣ ସଠିକ୍ ନିଷ୍ପତ୍ତି ନେଇପାରିବେ । ଚାକିରି କରିଥିବା ବ୍ୟକ୍ତିମାନଙ୍କୁ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ମିଳିପାରେ । ଯାହା ଭବିଷ୍ୟତରେ ପଦବୀ ଏବଂ ଦରମା ବୃଦ୍ଧି କରିପାରେ । ନିଜସ୍ୱ ବ୍ୟବସାୟ କରୁଥିଲେ ନୂତନ ସୁଯୋଗ ମିଳିବ ।ଭବିଷ୍ୟତର ରଣନୀତି ପ୍ରସ୍ତୁତ କରିପାରିବେ । ଏହା ଛାତ୍ରମାନଙ୍କ ପାଇଁ ଏକାଗ୍ରତା ବୃଦ୍ଧି କରିବାର ସମୟ ।

ତୁଳା : ତୁଳା ରାଶିର ବ୍ୟକ୍ତିଙ୍କ ପାଇଁ ଏହି ୨୭ଦିନ ଅପ୍ରତ୍ୟାଶିତ ସୁଯୋଗର ପରିପୂର୍ଣ୍ଣ ହୋଇପାରେ । ବିଶେଷକରି ଯେଉଁମାନେ କଳା, ଫ୍ୟାଶନ୍, ଡିଜାଇନ୍, ମିଡ଼ିଆ କିମ୍ବା ଆଇନଗତ କ୍ଷେତ୍ର ସହିତ ଜଡିତ ସେମାନେ ବିଶେଷ ସଫଳତା ପାଇପାରିବେ । ବୃହସ୍ପତିଙ୍କ ଅସ୍ତ ଯୋଗୁଁ ଜୀବନରେ କିଛି ଶାନ୍ତି ରହିବ ।ବ୍ୟବସାୟରେ ନିବେଶ ପାଇଁ ଅନୁକୂଳ କିନ୍ତୁ ଭାବିଚିନ୍ତି ପଦକ୍ଷେପ ନେବା ଗୁରୁତ୍ୱପୂର୍ଣ୍ଣ ।

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ବିଶ୍ୱ ପରିବେଶ ଦିବସ ପାଳନ



**ନୟାଗଡ,୯।୬ (ମହାଭାରତ):** ନୟାଗଡ଼ ଜିଲ୍ଲା ଦୌରାଜଜ୍ ତଥା ଆଇନ୍‌ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣାଙ୍କ ନିର୍ଦ୍ଦେଶରେ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ନୟାଗଡ଼ କଳାପରିଷଦ ଏବଂ ପ୍ରାଧିକରଣଙ୍କ ମିଳିତ ସହଯୋଗରେ ପାଣିପୋଇଲାସ୍ଥିତ ନୟାଗଡ଼ କଳାପରିଷଦ ଠାରେ ଅନୁଷ୍ଠାନର ପ୍ରତିଷ୍ଠାତ୍ରୀ ତଥା ସମ୍ପାଦିକା ପ୍ରଭାସିନୀ ନନ୍ଦଙ୍କ ସଭାପତିତ୍ୱରେ ବିଶ୍ୱ ପରିବେଶ ଦିବସ-୨୦୨୫ ପାଳିତ ହୋଇଯାଇଛି । ଉକ୍ତ ଶିବିରକୁ ସଚିବ ଶ୍ରୀମତୀ ମଛଖଣ୍ଡ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବିଶ୍ୱ ପରିବେଶ ଦିବସ ପାଳନ କରିବାର ତାତ୍ପର୍ଯ୍ୟ, ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ସମବେତ ଅନ୍ତେବାସୀ ଓ ଜନସାଧାରଣଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ । ବୃକ୍ଷ ହିଁ ଜୀବନ, ବୃକ୍ଷ ବିନା ମଣିଷ ସମାଜ ତିଷ୍ଠି ରହିବା ଅସମ୍ଭବ, ସଭିଏଁ ଆସନ୍ତୁ ଗଛ ଲଗାଇବା ଏବଂ ପରିବେଶକୁ ସୁରକ୍ଷିତ ରଖିବା । ପରିବେଶକୁ ସୁରକ୍ଷିତ ରଖିବାକୁ ଆଇନ୍‌ରେ ଥିବା ଥୁବା ବିଭିନ୍ନ ବି ଦିଗ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଏସିଏଫ୍ ହିମାଂଶୁ ଶେଖର ମୁଦୁଲି, ଏସିଏଫ୍ ସତ୍ୟଜିତ୍ କର, ଖେଡ଼ପଡ଼ା ବନପାଳ ଜ୍ୟୋତିର୍ମୟୀ ସାମନ୍ତରାୟ, ସ୍ୱେଚ୍ଛାସେବୀ ଅମନ ମିଶ୍ର, ପ୍ରାଧିକରଣ ସଦସ୍ୟା କ୍ଷଣପ୍ରଭା କର ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଆଜିର ଏହି ଦିବସରେ ଅନୁଷ୍ଠାନ ତରଫରୁ ଅତିଥିମାନଙ୍କୁ ନେଇ ନୟାଗଡ଼ କଳାପରିଷଦ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଅଧିକାର ମିତ୍ର, ପ୍ରାଧିକରଣ କର୍ମଚାରୀ ଏବଂ କଳାପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

# ପୂର୍ବତଟ ରେଳପଥ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ

**ଭୁବନେଶ୍ୱର,୯।୬ (ମହାଭାରତ):** ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ଏବଂ ପ୍ଲାଷ୍ଟିକ୍ ପ୍ରଦୂଷଣର ମୁକାବିଲା କରିବା ପାଇଁ ପ୍ରଭାବଶାଳୀ କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ସହିତ ପୂର୍ବତଟ ରେଳପଥ ବିଶ୍ୱ ପରିବେଶ ଦିବସ ପାଳନ କରିଛି । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କଓ୍ୱାଲଙ୍କ ନେତୃତ୍ୱରେ ରେଳ ଜୋନ୍ ମଇ ମାସ ୨୨ ରୁ ଜୁନ୍ ୫ ତାରିଖ ପର୍ଯ୍ୟନ୍ତ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିଛି ଯାହାର ବିଷୟବସ୍ତୁ 'ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ସହିତ ସମନ୍ୱିତ ।ଏହି ପଦକ୍ଷେପରେ ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍, ଓ୍ୱାଲଟିୟର ଏବଂ ସମ୍ବଲପୁର ରେଳମଣ୍ଡଳରେ ବିଭିନ୍ନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଥିଲା ଯାହା ଏକ ସ୍ୱଚ୍ଛ ପରିବେଶ ପାଇଁ ସାମୂହିକ ପ୍ରୟାସରେ ରେଳ କର୍ମଚାରୀ, ଅଧିକାରୀ, ସେମାନଙ୍କ ପରିବାର ଏବଂ ଯାତ୍ରୀମାନଙ୍କୁ ସାମିଲ କରାଯାଇଥିଲା । ପ୍ଲାଷ୍ଟିକ୍-ମୁକ୍ତ ଷ୍ଟେସନ ପରିସର: ପ୍ଲାଷ୍ଟିକ୍ ଅପଚୟ, ବିଶେଷକରି ଏକକ-ବ୍ୟବହୃତ ପ୍ଲାଷ୍ଟିକ୍, ପ୍ଲାଷ୍ଟିକ୍ ଅପଚୟକୁ ହ୍ରାସ, ପୁନଃବ୍ୟବହାର ଏବଂ ପୁନଃଚକ୍ରଣ ପାଇଁ ସଚେତନତା ଅଭିଯାନ, ପ୍ଲାଟଫର୍ମ, ଟ୍ରେନ ଏବଂ କାର୍ଯ୍ୟାଳୟ ଗୁଡ଼ିକରେ ସଚେତନତା ଅଭିଯାନ ।



ଏକ ବଡ଼ ଧରଣର ସବୁଜ ଅଭିଯାନ ଆୟୋଜନ କରାଯାଇଥିଲା ଯେଉଁଠାରେ କର୍ମଚାରୀ, ଅଧିକାରୀ ଏବଂ ବିଭାଗୀୟ ମୁଖ୍ୟମାନେ ସବୁଜ ଆଚ୍ଛାଦନ ବୃଦ୍ଧି ଏବଂ ଜୈବ ବିବିଧତାକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ରେଳ ପରିସରରେ ଚାରା ରୋପଣ କରିବାରେ ନିୟୋଜିତ ହୋଇଥିଲେ । ପିଲାମାନଙ୍କୁ ନେଇ ପରିବେଶ ଅନୁକୂଳ କାର୍ଯ୍ୟକଳାପ, ଯେପରିକି ଚାରା ରୋପଣ ଏବଂ ପୁନଃଚକ୍ରିତ ସାମଗ୍ରୀରୁ କଳା, ଯାହା ପିଲା ବୟସରୁ ପରିବେଶଗତ ଦାୟିତ୍ୱ ଜାଗ୍ରତ କରିଥାଏ । ପ୍ଲାଷ୍ଟିକ୍ ଅପଚୟର କ୍ଷତିକାରକ ପ୍ରଭାବ ଏବଂ ସବୁଜ ଅଭ୍ୟାସର ଲାଭ ଉପରେ ବ୍ୟାନର, ପ୍ଲାକାର୍ଡ, ପୋଷ୍ଟର ଏବଂ ସ୍ଲୋଗାନ ଷ୍ଟେସନଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା । କର୍ମଚାରୀ ଏବଂ ସେମାନଙ୍କ ପରିବାରର ସଦସ୍ୟମାନେ ଏହି ଅଭିଯାନ ଚଳାଇବା ପାଇଁ ଜନସାଧାରଣଙ୍କ ସହିତ ଜଡିତ ହୋଇଥିଲେ । ପରିବେଶ ସଂରକ୍ଷଣର ଗୁରୁତ୍ୱ ଉପରେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରବନ୍ଧ ଲେଖା, ପୋଷ୍ଟର ତିଆରି, ନୁକ୍କଡ ନାଟକ (ପଥପ୍ରାନ୍ତ ନାଟକ) ଏବଂ କୁଇଜ୍ ଆୟୋଜନ କରାଯାଇଥିଲା । ଏହି ଅଭିଯାନ ଜାତୀୟ ପ୍ରୟାସ ସହିତ ସମନ୍ୱିତ, ସଫେଇ ଅଭିଯାନ, କର୍ମଶାଳା ଏବଂ ଓ୍ୱେବିନାର ମାଧ୍ୟମରେ କେନ୍ଦ୍ରୀୟ ମନ୍ତ୍ରଣାଳୟ, ରାଜ୍ୟ ସରକାର, ନାଗରିକ ସମାଜ ଏବଂ ସ୍ଥାନୀୟ ପ୍ରତିଷ୍ଠାନଗୁଡ଼ିକୁ ସାମିଲ କରି । ପ୍ଲାଷ୍ଟିକ୍ ପ୍ରଦୂଷଣର ବିପଦ ବିଷୟରେ ସଚେତନତା ବୃଦ୍ଧି । ପରିବେଶ ଅନୁକୂଳ ବିକଳ୍ପ ଏବଂ ସ୍ଥାୟୀ ସାମଗ୍ରୀକୁ ପ୍ରୋତ୍ସାହିତ କରିବା । ଆବର୍ଜନା ପୃଥକୀକରଣ, ସଂଗ୍ରହ, ନିଷ୍କାସନ ଏବଂ ପୁନଃଚକ୍ରଣକୁ ଉତ୍ସାହିତ କରିବା । ସଚେତନତାରୁ ବ୍ୟକ୍ତିଗତ ଏବଂ ସାମୂହିକ କାର୍ଯ୍ୟକୁ ପରିବର୍ତ୍ତନ ପାଇଁ ପରାମର୍ଶ ଦେବା । ପୂର୍ବତଟ ରେଳପଥ ପରିବେଶ ସୁରକ୍ଷା ପ୍ରତି ଏହାର ସମର୍ପଣକୁ ପୁନଃସଜାଗ କରି ଏହାର କାର୍ଯ୍ୟଗୁଡ଼ିକୁ ବିଶ୍ୱ ଏବଂ ଜାତୀୟ ପ୍ରୟାସ ସହିତ ସମନ୍ୱିତ କରୁଅଛି । ସ୍ଥିର ଏବଂ ଏକତାବଦ୍ଧ ଅଂଶଗ୍ରହଣ ମାଧ୍ୟମରେ ପୂର୍ବତଟ ରେଳପଥ ଏକ ସ୍ୱଚ୍ଛ, ସବୁଜ ଏବଂ ସ୍ଥାୟୀ ଭବିଷ୍ୟତ ଓ ଉନ୍ନତ ପରିବେଶ ଆଡ଼କୁ ଗୋଟିଏ ପାଦ ଆଗକୁ ବଢିଛି ।

# ସୁବର୍ଣ୍ଣପୁର ଜିଲ୍ଲାରେ ବାଲି ମାଫିଆ ସକ୍ରିୟ

**ସୋନପୁର,୯।୬ (ମହାଭାରତ):** ସୁବର୍ଣ୍ଣପୁର ଜିଲ୍ଲାରେ ବାଲି ମାଫିଆ ସକ୍ରିୟ । ହରଡଖୋଲ ଫାଣ୍ଡିରୁ ମାତ୍ର ଦୁଇ କିଲୋମିଟର ରେ ଥିବା ବାଲି ଘାଟରୁ ଫାଣ୍ଡି ଅଧିକାରୀଙ୍କ ଗାଡ଼ି ପ୍ରତି ପିସି କାରବାର ସାଧାରଣରେ ଚର୍ଚ୍ଚା । ସୁବର୍ଣ୍ଣପୁର ସଦର ମହକୁମାରୁ ୧୦ କିଲୋମିଟରରେ ଅବସ୍ଥିତ ବଦ୍ୟନାଥ ଏବଂ ଲକର୍ମା ବାଲି ଘାଟ ରେ ବେଆଇନ ବାଲି ଚାଲାଣ ହେଉଥିବା ବେଳେ ସୋନପୁର ଖଣି ବିଭାଗ, ପୋଲିସ ବିଭାଗ ଓ ପରିବହନ ଅଧିକାରୀଙ୍କ ସଂପୃକ୍ତି । ଗୋଟିଏ ଚାଲାଣ କାଟି ଥିବା ବେଳେ ଅନେକ ଗାଡ଼ିରେ ଯାଉଛି ବାଲି ଅନ୍ୟ ଜିଲ୍ଲାକୁ । ଖଣି ବିଭାଗ ଅଧିକାରୀ ଚଞ୍ଚକତା ପୂର୍ବକ ଲାଞ୍ଚ ନେଇ ଖସେଇ ଦେଉଛନ୍ତି ବାଲି ଗାଡି ଗୁଡିକ ନ ଜାଣିଲା ପରି ହାଇୱା ବାଲି ଗାଡ଼ି । ଉକ୍ତ ଗ୍ରାମକୁ ଶହ ଶହ ଗାଡ଼ି ଜାଇ ଲୋକଙ୍କୁ ଚାଲିବା, ଗାଧୋଇବା ରାସ୍ତାକୁ କରି ଦେଉଛନ୍ତି ଖାଲ ଢିପ ବିଭିନ୍ନ ସମୟ ରେ ଦ୍ରୁତ ଗ୍ରାମୀ ହାଇୱା ଗାଡି ଲାଗି ଗାଡି ଆକସ୍ମିକ ଦୁର୍ଘଟଣା ଶିକାର ହେଉଛନ୍ତି ଛୁଆ ବୁଢ଼ା ଏବଂ ସ୍ଥାନୀୟ ଲୋକ ମାନେ ରାସ୍ତାରେ ସ୍ଥାନୀୟ ଗ୍ରାମ ବାସି କହିବା ଅନୁସାରେ ଜିଲ୍ଲାପାଳ ଓ ଜିଲ୍ଲା ପ୍ରଶାସନକୁ



ବାରମ୍ବାର ଲେଖି ଜଣାଇଲେ ମଧ କିଛି ସୁଫଳ ମିଳି ପାରିନାହିଁ । ପତିକ୍ରିୟା ରଖିଛନ୍ତି ଗଣମାଧମ ଆଗରେ ଗ୍ରାମବାସୀ ମାନେ । ବିନା ସୂଚନା ଫଳକର ବିବରଣୀ ଦୃଶ୍ୟମାନ ହଉ ନାହିଁ । ସ୍ଥାନୀୟ ଲୋକକୁ ବାଲି ମିଳୁନ ଥିବା ବେଳେ ସହ ସହ ହାଇୱାରେ ବାଲି ହେଉଛି ଚୋରା ଚାଲାଣ ବାହାର ଜିଲ୍ଲାକୁ । ବାଲି ମାଫିଆ ସକ୍ରିୟ କୁମ୍ଭକର୍ଣ୍ଣ ନିଦ୍ରାରେ ଜିଲ୍ଲା ପ୍ରଶାସନ । ପରିବହନ ଅଧିକାରୀ ହେଲମେଟ ଚେକିଂରେ ବ୍ୟସ୍ତ ଥିଲା ବେଳେ ଉକ୍ତ ହାଇୱା ମାନଙ୍କୁ ଯାଞ୍ଚ ନ କରୁ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

## ସରସ୍ୱତୀ ଶିଶୁ ମନ୍ଦିରରେ ଇଂରାଜୀ ଓ ଗଣିତ ଶିକ୍ଷାଦାନର ଉଦ୍‌ଯାପନୀ ସମାରୋହ

**କୋକସରା,୯।୬ (ମହାଭାରତ):** କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକମାସ ଧରି ଚାଲିଥିବା ଇଂରାଜୀ ଓ ଗଣିତ ଶିକ୍ଷାଦାନ ଉଦଯାପନୀ ସମାରୋହ ଗୁରୁବାର ଅନୁଷ୍ଠିତ ହୋଇଛି । ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ବୃନ୍ଦାବନ ପୁଝାରୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି ଯୋଗ ଦେଇଥିଲେ । ନରେଶ କୁମାର ପଣ୍ଡା,ପ୍ରଦୀପ୍ତ କିଶୋର ଦାଶ, ଜୟପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ବିଶ୍ୱଜୀବନ ପାଢ଼ୀ, ଚାରବାହାଲ ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ କୁମାର ମୁଣ୍ଡ, ଲଡୁଗାଁ ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା, କୋକସରା ପ୍ରଧାନ ଆଚାର୍ଯ୍ୟ ଭବାନୀ ଶଙ୍କର ବେହେରା, ବିଦ୍ୟାମନ୍ଦିର ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଜିତେନ୍ଦ୍ର କୁମାର ନିଆଲ,ଉପ ସଭାପତି ପରମେଶ୍ୱର ବାଗ, ଗାୟତ୍ରୀ ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଦୈନନ୍ଦିନ ଜୀବନ ତଥା ପ୍ରତ୍ୟେକ କ୍ଷେତ୍ରରେ ଇଂରାଜୀ ଭାଷାର ବ୍ୟାପକ ବ୍ୟବହାର ଓ ଆବଶ୍ୟକତା ରହିଥିବାରୁ ଇଂରାଜୀ ଭାଷାଜ୍ଞାନ ଏବଂ




ଇଂରାଜୀ ଭାଷାରେ ଦକ୍ଷତା ବୃଦ୍ଧି ପାଇଁ ଏକ ମାସ ଧରି ଚାଲିଥିବା ଏହି ଶିକ୍ଷାଦାନ ଦ୍ୱାରା ନିଶ୍ଚିତ ଭାବରେ ଛାତ୍ରଛାତ୍ରୀ ମାନେ ଉପକୃତ ହେବା ସହ ଏପରି ଏକ ମହାନ୍ ପ୍ରୟାସକୁ ଅଭିଭାବକ ମହଲରୁ ପ୍ରଶଂସା କରାଯାଇଛି । ଏହି ଅବସରରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ପ୍ରଦର୍ଶିତ ଇଂରାଜୀ ବାର୍ତ୍ତାଳାପ, ଅଭିନୟ ଉଚ୍ଚକୋଟୀର ହୋଇଥିଲା ।ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦେବାନନ୍ଦ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ପାଦକ ରାମକୃଷ୍ଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଶିଶୁ ମନ୍ଦିରର ଗୁରୁଜୀ ମୁରଲୀଧର ପଟ୍ଟନାୟକ, ଉତ୍ତମ କୁମାର ପଣ୍ଡା, ପରମାନନ୍ଦ ବେମାଲ, ଭିକାରୀ ଚରଣ ବିଶି, ଦୁଷ୍ମନ୍ତ ପୁଝାରୀ, ଭୋଳନାଥ ଗହିର, ଗୁରୁମା ସନ୍ଧ୍ୟାରାଣୀ ମହାରଣା, ତରୁଣୀ ଗୋପାଲ, ସୁଲଗ୍ନା ଦାଶ, ବୈଶାଳୀ ନାଗ, ସେବକ ଗଗନେଶ୍ୱର ବେହେରା, ସେବିକା ସବିତା ଭାଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ସାଇବିହାର ସୋସାଇଟିରେ ରକ୍ତଦାନ ଶିବିର

**ଭୁବନେଶ୍ୱର,୯।୬ (ମହାଭାରତ):** ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଦୂର କରିବା ଲକ୍ଷ୍ୟ ନେଇ ଗାଡକଣ ସ୍ଥିତ ଓଁ ସାଇ ବିହାର ସୋସାଇଟିରେ, ଅଗ୍ରଣୀ ସ୍ୱଚ୍ଛାସେବୀ ସଂଗଠନ ଜୟ ଓଡ଼ିଶାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରି ଏକ ଉଦାହରଣ ସୃଷ୍ଟି କରିଛି । ଏହା ଜୟ ଓଡ଼ିଶାର ରକ୍ତଦାନ ଅଭିଯାନର କ୍ରମାଗତ ଭାବେ ସପ୍ତମ ରକ୍ତଦାନ ଶିବିର, ଯାହାର ଲକ୍ଷ୍ୟ ଏହି ବର୍ଷ ୧୦୦ ଗୋଟି ସଂସ୍ଥା ସହ ମିଶି ରକ୍ତଦାନ ଶିବିର ଆୟୋଜନ କରିବା । ଏହି ରକ୍ତଦାନ ଶିବିରରେ ଓଁ ସାଇ ବିହାରର ବାସିନ୍ଦାମାନେ ଯୋଗଦାନ ଦେଇ ରକ୍ତଦାନ କରିଥିଲେ ।

ଏହି ଅବସରରେ ଭୁବନେଶ୍ୱର ନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ତାଙ୍କ ସହିତ ସ୍ଥାନୀୟ କର୍ପୋରେଟର, ପୋଲିସ ଏସିପି ଲଲାଟେନ୍ଦୁ ମହାନ୍ତି ଓ ଜୟ ଓଡ଼ିଶାର ପ୍ରତିଷ୍ଠାତା ରୁଦ୍ର ନାରାୟଣ ସାମନ୍ତରାୟ ଏବଂ ଓମ୍ ସାଇ ବିହାର ସୋସାଇଟିର ସଭାପତି ସୁଶୀଲ ସିଂ, ସମ୍ପାଦକ ଉମାକାନ୍ତ ଗୁରୁ ଉପସ୍ଥିତ ଥିଲେ ।

ଏହି ଅବସରରେ ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ଏହି ରକ୍ତଦାନ ଶିବିରର ସବୁଠୁ ବଡ଼ ଆକର୍ଷଣ ହେଉଛି ଗୃହିଣୀମାନଙ୍କ ଅଭୁତପୂର୍ବ ଭାଗୀଦାରୀ । ଏପର୍ଯ୍ୟନ୍ତ ଆମେ ଦେଖିଛୁ ଯେ, ଅଧିକାଂଶ ରକ୍ତଦାନ ଶିବିରରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ କମ୍ ଥାଏ, କିନ୍ତୁ ଓଁ ସାଇ




ବିହାରରେ ଗୃହିଣୀମାନେ ଉତ୍ସାହୀ ହୋଇଥିଲାବେଳେ ସ୍ୱଇଚ୍ଛାରେ ଯୋଗଦେଇ ରକ୍ତଦାନ କରିଥିଲେ । ସେମାନଙ୍କ ଏହି ପଦକ୍ଷେପ ସମାଜ ପାଇଁ ଏକ ଦୃଢ଼ ଓ ଶକ୍ତିଶାଳୀ ବାର୍ତ୍ତା । ମୁଁ ସେମାନଙ୍କ ଏହି ଉଦ୍ୟମ ପ୍ରତି ଗଭୀର ପ୍ରଶଂସା ଜଣାଉଛି ।

ଏହି ରକ୍ତଦାନ ଶିବିରକୁ ଓଁ ସାଇ ବିହାରର ସଭାପତି, ଧୀରେନ୍ଦ୍ର କୁମାର ସ୍ୱାଇଁ, ସମ୍ପାଦକ, ସରୋଜ କୁମାର ପ୍ରଧାନ, ବିଷ୍ଣୁ ପ୍ରସାଦ ସାହୁ, ସୂର୍ଯ୍ୟଦିପ୍ତ ରଣା, ସତ୍ୟ ରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ ଆଦି ପରିଚ୍ଳନା କରିଥିଲେ ।

## ପୂର୍ବତନ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଏବଂ ମହମ୍ମଦ ରଫିକଙ୍କ ଶ୍ରଦ୍ଧାଞ୍ଜଳୀସଭା

**ଭୁବନେଶ୍ୱର,୯।୬ (ମହାଭାରତ):** ଦିବଂଗତ ରାଜନେତା ତଥା ଓଡ଼ିଶା ବିଜେପିର ପ୍ରଥମ ବିଧାୟକ ପ୍ରସନ୍ନ ପଟ୍ଟନାୟକ ଏବଂ ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମହମ୍ମଦ ରଫିକଙ୍କ ଉଦ୍ଦେଶ୍ୟରେ ରାଜ୍ୟ କାର୍ଯ୍ୟାଳୟରେ ଆଜି ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସେମାନଙ୍କ ତ୍ୟାଗ ଓ ଉତ୍ସର୍ଗୀକୃତ ମନୋଭାବ କାର୍ଯ୍ୟକର୍ତ୍ତାଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ।

ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଉଭୟ ନେତାଙ୍କ ସ୍ମୃତି ଚାରଣ କରି କହିଛନ୍ତି ଯେ, ଦଳ ପାଇଁ ସ୍ୱର୍ଗତଃ ପଟ୍ଟନାୟକ ଓ ରଫିକଙ୍କ ଅବଦାନ ସର୍ବଦା ଚିରସ୍ମରଣୀୟ । ଦଳକୁ ତୃଣମୂଳସ୍ତରରେ ମଜ୍‌ଭୁତ କରିବାରେ ଶ୍ରୀ ପଟ୍ଟନାୟକଙ୍କ ଭୂମିକା ଅତୁଳନୀୟ । ରାଜ୍ୟ ବିଜେପିର ପ୍ରଥମ ନିର୍ବାଚନରେ ସ୍ୱର୍ଗତଃ ପଟ୍ଟନାୟକ କାମାକ୍ଷାନଗରରୁ ବିଜୟୀ ହୋଇ ଦଳ ପାଇଁ ମୂଳଦୁଆ ପକାଇଥିଲେ । ସେ ଦଳର ସଂଘର୍ଷମୟ ଯାତ୍ରା ବେଳେ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ଥିଲେ । ସେହିପରି ସ୍ୱର୍ଗତଃ ରଫିକ୍ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ବରଗଡ଼ ଜିଲା ଅନ୍ତର୍ଗତ ତତ୍କାଳୀନ ମେଲଛାମୁଣ୍ଡା ବିଧାନସଭା କ୍ଷେତ୍ରରୁ ବିଜୟୀ ହୋଇ ବିଧାୟକ ହୋଇଥିଲେ । ଏଥିସହ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ଦଳକୁ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଦଳ ପାଇଁ ସେମାନଙ୍କ ଅବଦାନ କେବେ ଭୁଲି ହେବ ନାହିଁ । ଉଭୟ ଦିବଂଗତ ନେତାଙ୍କ ବିୟୋଗରେ ଦଳ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ଶ୍ରୀ ସାମଲ କହିଛନ୍ତି ।



ସ୍ମୃତିଚାରଣ ସଭାରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ସାଧାରଣ ସମ୍ପାଦକ ମାନସ ମହାନ୍ତି, ସାଂସଦ ବଳଭଦ୍ର ମାଝି, ପ୍ରଦୀପ ପାଣିଗ୍ରାହୀ, ବିଧାୟକ ବିଭୁତି ପ୍ରଧାନ, ଶତ୍ରୁଘ୍ନ ଜେନା, ଅଶୋକ ମହାନ୍ତି, ଗୌରୀ ମାଝୀ, ବିଧାୟିକା ସୀମାରାଣୀ ନାୟକ, ରାମଚନ୍ଦ୍ର ପଣ୍ଡା, ଯଜ୍ଞେଶ୍ୱର ବାବୁ, ବିରଂଚି ନାରାୟଣ ତ୍ରିପାଠୀ ପ୍ରମୁଖ ଉଭୟ ସ୍ୱର୍ଗତଃ ପଟ୍ଟନାୟକ ଏବଂ ସ୍ୱର୍ଗତଃ ରଫିକଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

## ବେଦାନ୍ତ ସାମୁଦାୟିକ ପ୍ରଭାବ ପ୍ରତି ପ୍ରତିବଦ୍ଧତା ସହିତ ବିଶ୍ୱ ପରିବେଶ ଦିବସ

**ଭୁବନେଶ୍ୱର,୯।୬ (ମହାଭାରତ):** ୨୦୨୫ ବିଶ୍ୱ ପରିବେଶ ଦିବସରେ, ବେଦାନ୍ତ ସେସା ଗୋଆର ଆଇରନ ଓର ଓଡ଼ିଶା (ଆଇଓଓ) ପରିବେଶଗତ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି । କଂପାନି କେବଳ କାର୍ବନ ପଦଚିହ୍ନ ହ୍ରାସ କରିବା ନୁହେଁ ବରଂ ସ୍ଥାୟୀ ସାମୁଦାୟିକ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ମାଧ୍ୟମରେ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସ କରୁଛି ।

କଂପାନୀର ପ୍ରୟାସର ଏକ ଅଂଶ ଭାବରେ, ବେଦାନ୍ତ ଆଇଓଓ ମହିଳାମାନଙ୍କ ନେତୃତ୍ୱରେ ନାଡିଡିହି ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)କୁ ଫଳ ଗଛ ବଂଟନ କରିଛି । ଯାହା ସେମାନଙ୍କୁ ଜୈବ ବିବିଧତା ଏବଂ ସ୍ଥାୟୀତ୍ୱକୁ ପ୍ରୋତ୍ସାହିତ କରିବା ସହିତ ସେମାନଙ୍କ ଅଂଚଳର ପରିବେଶକୁ ଉନ୍ନତ କରିବାରେ ସକାରାତ୍ମକ ଯୋଗଦାନ ଦେବା ପାଇଁ ସଶକ୍ତ କରିବ । ଏହା ସହିତ, ପରିବେଶଗତ ସର୍ବୋତମ ଅଭ୍ୟାସ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବା ଏବଂ ପରିବେଶ ଅନୁକୂଳ ବିକଳ୍ପ ଗ୍ରହଣ କରିବାର ଉପରେ ଗୁରୁତ୍ୱ ଦେବା ଲକ୍ଷ୍ୟରେ ବିଭିନ୍ନ ସ୍ଥାୟୀତ୍ୱ ବିଷୟବସ୍ତୁ ଉପରେ ସଚେତନତା ଅଧିବେଶନ ମଧ୍ୟ କରାଯାଇଛି ।

ଆଇରନ ଓ୍ୱିଲ୍ ୪ ଗ୍ରୀନର ପ୍ଲାଂଟ ଅଭିଯାନର ଅଂଶ ସ୍ୱରୂପ କଂପାନୀ ଭଞ୍ଜପାଳି (ମୁଣ୍ଡା ସାହି), ନାଡିଡିହି, ବିଆଇସିଓ କଲୋନୀ, ରେଙ୍ଗାଲବେଡା (ଇନ୍ଦିରା କଲୋନୀ ଏବଂ ରାହାଡି ହାଟିଂ) ଗ୍ରାମଗୁଡ଼ିକର ଗୋଷ୍ଠୀ ସଦସ୍ୟଙ୍କ ପାଇଁ ସୌରଶକ୍ତି ଆଧାରିତ ଜଳ ଯୋଗାଣ ବ୍ୟବସ୍ଥା ସ୍ଥାପନ କରିଛି । ପ୍ରାୟ ୧,୦୦୦ବ୍ୟକ୍ତି ଏହି ପଦକ୍ଷେପରୁ ଉପକୃତ ହେବେ ।

ଏହି ଅବସରରେ ନିଜର ମତାମତ ପ୍ରଦାନ କରି ବେଦାନ୍ତ ସେସା ଗୋଆର ସିଇଓ ନବୀନ ଜାଜୁ କହିଲେ,, ବେଦାନ୍ତ ସେସା ଗୋଆ ଦାୟିତ୍ୱପୂର୍ଣ୍ଣ ସମ୍ବଳ ବ୍ୟବହାର ଏବଂ ଏକ ସକାରାତ୍ମକ ପରିବେଶଗତ ଏବଂ ସାମାଜିକ ପ୍ରଭାବ ସୁନିଶ୍ଚିତ କରିବାରେ ବିଶ୍ୱାସ କରୁ । ଅର୍ଥପୂର୍ଣ୍ଣ ଭାବରେ 'ଫେରସ୍ତ ଦେବା'ର ଆମର ଦର୍ଶନ ଆମର ସ୍ଥାୟୀତ୍ୱ ପ୍ରୟାସ ମାଧ୍ୟମରେ ଉଦାହରଣିତ ହୋଇଛି ।

ଏହି ଅବସରରେ ବେଦାନ୍ତ ଆଇଓଓର ସିଇଓ ଅଜିତ ପାତ୍ର କହିଲେ, ଏହି ବିଶ୍ୱ ପରିବେଶ ଦିବସରେ, ଆମେ ବେଦାନ୍ତର 'ପରିବର୍ତନଶୀଳ ଗ୍ରହ' ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ସ୍ଥାୟୀତ୍ୱ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛୁ । ଆଇରନ ଓ ଓଡ଼ିଶାରେ, ଆମେ ସୌର ଜଳ ପଂପ, ଜଳ ଷ୍ଟାଣ୍ଡ ଏବଂ ସ୍ୱଚ୍ଛ ଶକ୍ତି ସମାଧାନକୁ ଆମର କାର୍ଯ୍ୟରେ ସଂକଳନ କରୁଛୁ, ଯାହାର ଲକ୍ଷ୍ୟ ଆମର କାର୍ବନ ପାଦଚିହ୍ନ ହ୍ରାସ କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ସଂପଦ ସଂରକ୍ଷଣ କରିବା । ପରିବେଶଗତ ଦାୟିତ୍ୱ ସହିତ ନବସୃଜନକୁ ସମନ୍ୱିତ କରି, ଆମେ କେବଳ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରୁନାହୁଁ ବରଂ ଆମର ଗୋଷ୍ଠୀଙ୍କ ଉପରେ ସକାରାତ୍ମକ ପରିବର୍ତନକୁ ପ୍ରୋତ୍ସାହିତ କରୁଛୁ । ବେଦାନ୍ତ ଆଇଓଓ ବର୍ଷ ବର୍ଷ ଧରି ସାମଗ୍ରିକ ଏବଂ ସ୍ଥାୟୀ ସଂପ୍ରଦାୟ ବିକାଶର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ଅନେକ ହସ୍ତକ୍ଷେପ କରିଆସୁଛି ଏବଂ ଓଡ଼ିଶାର ଲୋକମାନଙ୍କୁ ସ୍ଥାୟୀ ପ୍ରଗତି ଏବଂ ସମୃଦ୍ଧି ହାସଲ କରିବାରେ ସହଭାଗୀ କରିବା ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃସ୍ଥାପନ କରୁଛି ।

# ଆଇନ୍‌ମନ୍ତ୍ରୀଙ୍କ ସହ କଲେଜ ସଂଘର ଆଲୋଚନା

**ଭୁବନେଶ୍ୱର,୯।୬ (ମହାଭାରତ):** ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ୩୯୧ ବ୍ଲକ କ୍ରାଇଟେରିଆ କଲେଜ ଅଧାପକ ଓ କର୍ମଚାରୀ ସଂଘର ରାଜ୍ୟ ସଭାପତି ଅଶ୍ୱିନୀ କୁମାର ମେହେର ଓ କାର୍ଯ୍ୟକାରୀ ସଭାପତି ଶ୍ରୀକାନ୍ତ ବଲ୍ଲଭ ସାମନ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ମାନ୍ୟବର ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମହୋଦୟଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ । ସଂଘ ତରଫରୁ ମାନ୍ୟବର ମନ୍ତ୍ରୀ ମହୋଦୟଙ୍କୁ ପୁଷ୍ପଗୁଚ୍ଛ ସହ ଦାବିପତ୍ର ପ୍ରଦାନ କରାଯାଇଥିଲା । ବିଶେଷ ରୂପେ ୩୯୧ ବ୍ଲକ କ୍ରାଇଟେରିଆ କଲେଜ ଅଧ୍ୟାପକ ଓ କର୍ମଚାରୀ ସଂଘ ସପକ୍ଷରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରସ୍ତାବିତ ଓ ଗୃହୀତ ଫାଇଲ ଉପରେ ମନ୍ତ୍ରୀ ମହୋଦୟଙ୍କର ଦୃଷ୍ଟି ଆକର୍ଷଣ କରାଯିବା ସହିତ ଅର୍ଥ ମଞ୍ଜୁର ନକରି ବେପରୁଆ ଭାବରେ ଅର୍ଥ ବିଭାଗ ଫାଇଲ୍‌ଟିକୁ ଫେରେଇବା ପରିପ୍ରେକ୍ଷୀରେ ସଂଘ ତରଫରୁ କ୍ଷୋଭ ପ୍ରକାଶ କରାଯାଇଥିଲା । ଯେଉଁ ଅନୁପ ସେନାପତିଙ୍କର ୨୦୧୯ ମସିହାର ଏକ କେସ୍‌ର ଆଳ ଦେଖାଇ ଅର୍ଥ ବିଭାଗ ଫାଇଲ୍‌ଟିକୁ ଫେରାଇଥିଲେ, ତାହାକୁ ଗତ ତା ୧୯.୦୩.୨୦୨୫ରିକରେ ଏଫ୍.ଏ.ଓ. ନମ୍ବର ୫୧୪ ମାଧ୍ୟମରେ ଉଚ୍ଚ ନ୍ୟାୟାଳୟ ବଳିଷ୍ଠ ମତ ପ୍ରଦାନ କରିଛନ୍ତି ଯେ, ୧୯୯୪ ଅନୁଦାନ ଆଦେଶନାମା ସମ୍ପ୍ରସାରଣରେ ଅନୁପ ସେନାପତିଙ୍କ କେସ୍ କୌଣସି ମତେ ବାଧକ ହୋଇପାରିବ ନାହିଁ । ସୁତରାଂ ଉଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶନାମା ପରେ ଅର୍ଥ ବିଭାଗ ଉଚ୍ଚ ଶିକ୍ଷା ବିଭାଗର ଫାଇଲ୍‌ଟିକୁ ନାମଞ୍ଜୁର କରିବା ପଛରେ କୌଣସି ଯଥାର୍ଥତା ନାହିଁ ବୋଲି ସଂଘ ତରଫରୁ ମାନବ୍ୟର ମନ୍ତ୍ରୀ ମହୋଦୟଙ୍କୁ ଅବଗତ କରାଯାଇଥିଲା । ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଆଇନ୍ ପରିସରରେ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟରତ ଥିବା ରାଜ୍ୟର ସମସ୍ତ ୩୯୧ ବ୍ଲକ କ୍ରାଇଟେରିଆ କଲେଜର ଅଧ୍ୟାପକ ଓ କର୍ମଚାରୀମାନେ ରିପିଲ୍ ଅର୍ଡର ୨୦୦୪ ସୁଦ୍ଧା ୧୯୯୪ ଅନୁଦାନ ପାଇବା ପାଇଁ ଯୋଗ୍ୟ ବୋଲି ମାନ୍ୟବର ମନ୍ତ୍ରୀ ମହୋଦୟ ହୃଦୟଙ୍ଗମ କରିଥିଲେ । ପ୍ରତିନିଧି ମଣ୍ଡଳୀରେ ସର୍ବଶ୍ରୀ ଡ. ସି. ଏଚ୍. ସୁଧାକର, ସଂଜୀବ ଦାଶ, ଶରତ ସ୍ୱାଇଁ, ପ୍ରଣତି ବାରିକ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟୁତ ନିଗମ ଇଂଜିନିୟର ଆସୋସିଏସନ୍‌ର ସମ୍ମିଳନୀ

**ଭୁବନେଶ୍ୱର,୯।୬ (ମହାଭାରତ):** ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ନିଗମ ଇଂଜିନିୟର୍ସ ମାନଙ୍କ ରାଜ୍ୟସ୍ତରୀୟ ସମ୍ମିଳନୀ ଏବଂ ସାଧାରଣ ସଭା ଭୁବନେଶ୍ୱରସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ଏହି ଅଧିବେଶନରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଇଂଜିନିୟର ବିଶେଶ୍ୱର ଟୁଡୁ, ମୁଖ୍ୟବକ୍ତା ଭାବେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଏବଂ ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର ସଂଘର ସଦସ୍ୟମାନଙ୍କୁ ଉଦ୍‌ବୋଧନ ଦେବା ସଂଗେସଂଗେ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ସଂଘର ସଦସ୍ୟମାନଙ୍କର ବିଭିନ୍ନ ସମସ୍ୟା ଓ ତା'ର ସମାଧାନର ରାସ୍ତା ବାହାର କରିବା ସହ ଆଗାମୀ ଦିନରେ ସରକାରଙ୍କ ପାଖରେ ନିଜର ଦାବି ଓ ସମସ୍ୟା ଉପସ୍ଥାପନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି । ସଂଘର ପ୍ରମୁଖ ସମସ୍ୟାଗୁଡ଼ିକ ମଧ୍ୟରେ ଟାଟା




ପାୱାର ଦାୟିତ୍ୱ ଗ୍ରହଣ କରିବା ପରେ ଡିସ୍‌କମ୍‌ରେ ବେସ୍ ଲେଭୁଲ୍ ପଦବୀରେ ରାଜ୍ୟ କ୍ୟାଡର ଅନୁସାରେ ପୋଷ୍ଟିଂ ନକରି କମ୍ପାନୀ ନିଜ ମନମୁତାବକ ନିଜ କ୍ୟାଡର ଅନୁସାରେ ପୋଷ୍ଟିଂ କରୁଥିବାରୁ ସଂଘ ଘୋର ଅସନ୍ତୋଷ ପ୍ରକାଶ କରିଛି । ଡିସକମ୍, ଓପିଟିସିଏଲ୍ ଏବଂ ଓଏଚ୍‌ପିସି ରେ ଡିପ୍ଲୋମା ଇଂଜିନିୟରମାନଙ୍କୁ ପଦୋନ୍ନତି ସୁବିଧା କେବଳ ନିର୍ବାହୀ ଯନ୍ତ୍ରୀ ପଦବୀରେ ସୀମିତ ନରଖି ଉପର ପଦବୀକୁ ବିସ୍ତାର କରାଯିବା ଆବଶ୍ୟକ । କାରଣ ଓଡ଼ିଶା ସରକାରଙ୍କ ଡିପ୍ଲୋମା ଇଂଜିନିୟରମାନଙ୍କ ପଦୋନ୍ନତି ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ଟାଟା ପାୱାର ପରିଚାଳନା ଦ୍ୱାରା ଅଭିଜ୍ଞ ସରକାରୀ ନିଯୁକ୍ତିପ୍ରାପ୍ତ ଇଂଜିନିୟରମାନଙ୍କୁ ଉପଯୁକ୍ତ ଭାବରେ ବ୍ୟବହାର କରାଯାଉ ନଥିବା ବେଳେ କମ୍ପାନୀ କ୍ୟାଡରର ଅନଭିଜ୍ଞ ଇଂଜିନିୟରମାନଙ୍କୁ ଉଚ୍ଚଦାୟିତ୍ୱ ଦିଆଯିବାକୁ ସଂଘର ବାରଣ । ଏନ୍.ପି.ଏସ୍. ପ୍ରଦାନ କରାଯାଉ ସେହିମାନଙ୍କୁ ଯେଉଁମାନେ ୧.୧.୨୦୦୫ ପରେ ସରକାରୀ ନିୟମ ଅନୁସାରେ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସଂଘର ନିର୍ବାଚି ଅନୁଷ୍ଠିତ ହୋଇଥିଲା ଏବଂ ଏହି ନିର୍ବାଚନରେ ରାଜ୍ୟ ସଭାପତି ଭାବେ ଶକ୍ତି ସମୀକ୍ଷକ ଆନନ୍ଦ ମହାପାତ୍ର, ମହାସଚିବ ଭାବେ ତ୍ରିଲୋଚନ ମହାନ୍ତି ନିର୍ବାଚିତ ହୋଇଛନ୍ତି ।

# ଧାରାବାହିକ ଅଭିଯୋଗ

ନିତି ଆୟୋଗ ବୈଠକରେ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟମନ୍ତ୍ରୀ ଏବଂ ଉପରାଜ୍ୟପାଳମାନେ ଯୋଗ ଦେଇଥିଲେ। କିନ୍ତୁ ବୈଠକକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, କେରଳ ମୁଖ୍ୟମନ୍ତ୍ରୀ ପିରାଇ ବିଜୟନ ଯୋଗ ଦେଇନଥିଲେ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ବୈଠକରେ ଯୋଗ ଦେଇନଥିଲେ ବି ନିଜର ବାର୍ତ୍ତା ପଠାଇଥିଲେ। ମୋଟ ଉପରେ କହିଲେ ବୈଠକରେ ତିନିଟି ପ୍ରମୁଖ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅନୁପସ୍ଥିତ ଥିଲେ। ଏହାର କାରଣ କ'ଣ ଜଣାନାହିଁ। ସମ୍ଭବତଃ ରାଜନୈତିକ ମତପାର୍ଥକ୍ୟ ଯୋଗୁ ସେମାନେ ବୈଠକରେ ଯୋଗ ଦେଇନଥିଲେ। ଅତୀତରେ ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ମମତା ଏବଂ ପିନରାଇ ବିଜୟନ ଅନୁପସ୍ଥିତ ରହିଥିବାର ନଜିର ରହିଛି। ଏହା କଦାପି ସ୍ୱଗତଯୋଗ୍ୟ ନୁହେଁ। ରାଜନୀତି ଅଲଗା, ଦେଶର ବିକାଶ ଏବଂ ଶାସନ ଅଲଗା। ନିର୍ବାଚନ ବେଳେ ରାଜନୈତିକ ଦଳମାନେ ପରିସ୍ପର ବିରୋଧରେ ଆରୋପ-ପ୍ରତ୍ୟାରୋପ କରନ୍ତି। ଅନ୍ୟର ଦୋଷ ଦୁର୍ବଳତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରନ୍ତି। କିନ୍ତୁ ନିର୍ବାଚନ ପରେ ଜନମତ ଆଧାରରେ ବିଜୟୀ ଦଳ ସରକାର ଗଠନ କରନ୍ତି। ବିରୋଧୀ ଦଳର କିଛି ନେତା ମଧ୍ୟ ସଂସଦ ବା ବିଧାନସଭାକୁ ନିର୍ବାଚିତ ହୋଇ ବିରୋଧୀ ଆସନରେ ବସନ୍ତି। ସଂସଦ ବା ବିଧାନସଭାରେ ସେ ବିତର୍କ ମାଧ୍ୟମରେ ସରକାରଙ୍କ ଦୋଷ ଦୁର୍ବଳତାକୁ ଦେଖାନ୍ତି। କିନ୍ତୁ ଦେଶ ବା ରାରଜ୍ୟର ବିକାଶ ସହିତ କେହି ସାଲିସ କରିବା ଅନୁଚିତ। ଦେଶର ସୁରକ୍ଷା ଏବଂ ବିକାଶ ନିମନ୍ତେ ସମସ୍ତେ ଏକାଠି ହୋଇ କମାକ କରିବା ଉଚିତ। ଭାରତର କିନ୍ତୁ ଏହାର ବ୍ୟତିକ୍ରମ ଦେଖାଯାଉଛି। ଅନେକ ସମୟରେ ବିରୋଧୀ ଦଳର କାର୍ଯ୍ୟକଳାପ ବିକାଶ ବିରୋଧୀ ହୋଇଥାଏ। ଯଦି ବିକାଶ ମୂଳକ କାମରେ କିଛି ତ୍ରୁଟି ପରିଲକ୍ଷିତ ହୋଇଥାଏ ତେବେ ଏହାକୁ ଦେଖାଇବା ବିରୋଧୀ ଦଳର ଦାୟିତ୍ୱ। ଶାସକ ଦଳର ନେତାମାନେ ଏ କ୍ଷେତ୍ରରେ ନିଜର ମତ ସ୍ୱାଧୀନ ଭାବେ ଉପସ୍ଥାପନ କରିବା ଉଚିତ। କିନ୍ତୁ ଭଲ କାମକୁ ବିରୋଧୀ ଉତ୍ସାହିତ କରିବା ଉଚିତ। ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି , ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ କେନ୍ଦ୍ର-ରାଜ୍ୟ ଏକାଠି ହେବା ଉଚିତ। ଅର୍ଥାତ ରାଜ୍ୟରେ ବିରୋଧୀ ଦଳର ସରକାର ଥିଲେ ମଧ୍ୟ ସେମାନେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ପରସ୍ପର ସହ ହାତ ମିଳାଇବା ଉଚିତ। ଏଥିରେ କେବଳ ରାଜ୍ୟ ନୁହେଁ, କେନ୍ଦ୍ର ସରକାରଙ୍କର ମଧ୍ୟ ଦାୟିତ୍ୱ ରହିଛି। ଗୋଟିଏ ହାତରେ ତାଳି ବାଜେନି। ଦେଶର ବିକାଶ ନିମନ୍ତେ ଦୁଇ ହାତ ଅର୍ଥାତ କେନ୍ଦ୍ର ଏବଂ ରାଜ୍ୟ ଏକାଠି ହେବା ଉଚିତ। କେନ୍ଦ୍ର ସରକାର ଦେଶର ବିକାଶ ନିମନ୍ତେ ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି, ଅନେକ କଲ୍ୟାଣକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହା ଯେପରି ସଠିକ ଭାବେ କାର୍ଯ୍ୟକାରୀ ହୁଏ ଏବଂ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ ତାହାକୁ ସୁନିଶ୍ଚିତ କରିବା ଉଭୟଙ୍କ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଅଭିଯୋଗ ହେଉଛି କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟମାନଙ୍କର ଦାବି ପ୍ରତି ଅବହେଳା କରୁଛନ୍ତି। ଉଦାହରଣ ସ୍ୱରୂପ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ ନିୟମିତ ଅଭିଯୋଗ କରି ଆସୁଛନ୍ତି ଯେ, କେନ୍ଦ୍ର ସରକାର ରାଜ୍ୟର ହକ ଦେଉନାହାଁନ୍ତି। କେନ୍ଦ୍ର ସରକାର ରାଜ୍ୟର ପ୍ରାପ୍ୟ ପ୍ରଦାନ କରୁ ନାହାଁନ୍ତି। କେରଳ ମ୍ୟୁମନ୍ତ୍ରୀ ପିନରାଇ ବିଜୟନ ମଧ୍ୟ ସମାନ ଅଭିଯୋଗ କରି ଆସୁଛନ୍ତି। ମମତାଙ୍କର ମଧ୍ୟ ଏହା ଏକ ଧାରାବାହିକ ଅଭିଯୋଗ। ତେଣୁ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ସବୁ ବେଳେ ଟକ୍କର ଦେଖିବାକୁ ମିଳୁଛି। କିଛି ରାଜ୍ୟ ଅବଶ୍ୟ ମାତ୍ରାଧିକ ଅଭିଯୋଗ କରୁଛନ୍ତି।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

॥ ସୌମେନ୍ଦ୍ର ଜେନା ॥

*ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା। ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା।*

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ଫେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମକ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗଫେଙ୍ଗର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ୍ୟ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ୍ୟ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ୍ୟ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଟେଙ୍ଗଚେନ୍‌ଫେଙ୍ଗ (ନାନ୍‌ଟୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମିତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମିତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।


ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯


# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ଡ଼ାବରାଗୁଡା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝୀ, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଡ଼ାବରାଗୁଡା ଗ୍ରାମ ପଞ୍ଚାୟତ ସମେତ ଚେଳାଗଡ, ମହେନ୍ଦ୍ରଗଡ ଓ ଛେଳିଗଡ଼ ପଞ୍ଚାୟତର ସମୁଦାୟ ମୋଟ- ୫୪ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୦୮ ଗୋଟି , ଗ୍ରାମ ଭିତ୍ତିକ ସମସ୍ୟା- ୪୬ ଗୋଟି ଅଭିଯୋଗ ଆସିଥିଲା,ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣିରେ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜଣକୁ ହ୍ୱିଲଚେୟାର ବଣ୍ଟନ କରାଯାଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଜନ ଅଭିଯୋଗ ଶୁଣାଣୀ ସମୟରେ ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରୀମନ ଖର୍ସେଲ, ତହସିଲଦାର ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ,ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୋନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ ।

## ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ପାଇଁ ପ୍ରତିଯୋଗିତା

ହାଟଡିହି, (ମହାଭାରତ) : ହାଟଡିହି ବ୍ଲକରେ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ମରେଇଗାଁ ଉଚ୍ଚ ବିଦ୍ୟାଳୟରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । । ହାଟଡିହି ବ୍ଲକ ର ବିଭିନ୍ନ ପଞ୍ଚାୟତ ରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା । ଏଥିରେ ଆରିସା , ପକୁଡ଼ି, ମୁଗ ଭଜା, ଦୁଦୁରା ପିଠା, ପୋଡ ପିଠା, ଚୁଡ଼ା ବରା, ଆଳୁ ଚପ, ବାର ମଜା, ମସଲା ପିଠା, ପଦ୍ମଫୁଲ ଫେଣି, ଖାସ୍ତା ଗଜା, ମଣ୍ଡା ପିଠା, ଚୁଡ଼ା ଘଷା, ଛତୁ ତରକାରୀ, ଦହି ବରା, ଆଳୁ ଦମ, ମାଣ୍ଡିଆ ଉପମା, ମାଣ୍ଡିଆ ପୀଠା ପ୍ରଭୃତି ତିଆରି କରି ବେଶ୍ ପ୍ରଶଂସା ସାଉଁଟି ଥିଲେ । ଏହି ପ୍ରତି ଯୋଗିତା ରେ ରାଜ୍ୟ ସରକାର ଯେହେତୁ ମାଣ୍ଡିଆ କୁ ଗୁରୁତ୍ୱ ଦେଇ ଏବେ ମାଣ୍ଡିଆ ର ପ୍ରଚାର ପ୍ରସାର ଅଧିକ କରୁଛନ୍ତି । ତେଣୁ ମାଣ୍ଡିଆ ରେ ଉପମା ଓ ପୋଡ଼ ପିଠା ତିଆରି କରି ପଢ଼ିଆରିପଲ୍ଲୀ ପଞ୍ଚାୟତ ର ମା ବ୍ରାହ୍ମଣୀଦେବୀ ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀ ପ୍ରଥମ ସ୍ଥାନ ଅଧିକାର କରିପାଞ୍ଚ ହଜାର ଟଙ୍କା ପାଇଥିବା ବେଳେ ମୁଗ ଭଜା ପିଠା, ଦୁଦୁରା ପିଠା କରି ବଡରମ୍ପାସ ପଞ୍ଚାୟତ ମା ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନେ ଦିତୀୟ ସ୍ଥାନ ଅଧିକାର କରିଚାରି ହଜାର ଟଙ୍କା ପାଇଥିଲେ । ଏହି କାର୍ଯ୍ୟକ୍ରମ କୁ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଅତିରିକ୍ତ ତହସିଲଦାର ପ୍ୟାରୀ ମୋହନ ହେମ୍ବ୍ରମ, ମରେଇଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀ, ବିପିଏମ୍ ମଧୁସ୍ମିତା ଦାସ, ବିପିଏ ପ୍ରତ୍ୟୁଷ୍ମା ସାହୁ, ଦୁଇ ଜଣ ବିଏଲ୍ସି ମିନାକ୍ଷୀ ମୋନାଲିସା ସାହୁ, ସ୍ୱର୍ଣ୍ଣ ରଣୀ ପୃଷ୍ଟି, ପିଇଓ ଜିତେନ୍ଦ୍ର କୁମାର ଜେନା, ବ୍ଲକ କର୍ମଚାରୀ ସୁଦର୍ଶନ ଜେନା ପ୍ରମୁଖ ସହୋଜୋଗ କରିଥିଲେ ।

## ଅଘୋଷିତ ବିଦ୍ୟୁତ୍ କାଟକୁ ନେଇ ଜନ ଅସନ୍ତୋଷ

ବାଲିପାଟଣା, (ମହାଭାରତ): ସାରା ଓଡ଼ିଶାରେ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଲାଗରହିଥିବା ବେଳେ ବାଲିପାଟଣା ବିଦ୍ୟୁତ୍ ବିଭାଗ ଘଣ୍ଟା ଘଣ୍ଟା ଧରି ଲାଇନ୍ କାଟିଦେଉଛି । ସେ ଦିନ ହେଉ କି ରାତି, ସେ ବର୍ଷା ହେଉ କି ପବନ ବାଲିପାଟଣା ବିଦ୍ୟୁତ୍ ବିଭାଗ ର ମନୋମୁଖୀ ଅଘୋଷିତ ବିଦ୍ୟୁତ୍ କାଟ ଲୋକଙ୍କ ମନରେ ଅସନ୍ତୋଷ ଜାହିର କରିଛି । ବିନା କାରଣରେ ମରାମତି ଆଳରେ ଘଣ୍ଟା ଘଣ୍ଟା ଧରି ଲାଇନ୍ କାଟିବା ଅସନ୍ତୋଷ ଦେଖା ଦେଇଛି । ଯଦି ତୁରନ୍ତ ଏହାର ସମାଧାନ କରା ନ ଯାଏ ଏକ ବଡ ଧରଣର ଆନ୍ଦୋଳନ ଦାନା ନ ବାନ୍ଧିବ କିଏ କହିବ ।

## ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ

ଲାଞ୍ଜିଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ଲାଞ୍ଜି ପଞ୍ଚାୟତ ତୁର୍କା ଗାଁ ରେ କିଛି ଦିନ ତଳେ ମ୍ୟାଲେରି ପ୍ରୋକପ ଦେଖିବାକୁ ମିଳିଥିଲା । ଏହାକୁ ଦୃଷ୍ଟିରେ ରଖି ବଙ୍କାକୁଣ୍ଡରୁ ମାଁ ସନ୍ତୋଷୀ ଜନକଲ୍ୟାଣ ଫାଉଣ୍ଡେସନ ଓ ବେଦାନ୍ତ ମିଳିତ ଆନୁକୂଲ୍ୟରେ ମ୍ୟାଲେରିଆ ଓ ଝାଡା ବାନ୍ତି ସଚେତନ ପାଇଁ ରବିବାର ଦିନ ମାଲିଯୁବାଙ୍ଗ ପଞ୍ଚାୟତ ଅନ୍ତର୍ଗତ ଟୁରିସିମେଲ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ସଚେତନ ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଚେତନତା ଶିବିରରେ ଟୁରିସିମେଲ, ସାଲପଦର, ଓ ଥୁଆମୁଲରାମପୁର ବ୍ଲକର ନାକରୁଣ୍ଡି, କେଲୁଆ, ଗାଁର ରୋଗୀ ମାନେ ସ୍ୱାସ୍ଥ୍ୟ ଶିବିରରେ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ୧୨୨ ଜଣଙ୍କୁ ପରୀକ୍ଷା ନିରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା । ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଡାକ୍ତର ଓମ୍ ପ୍ରସାଦ ପ୍ରଧାନ ରୋଗୀ ମାନଙ୍କୁ ପରୀକ୍ଷା ନିରୀକ୍ଷା କରିଥିଲେ ଏବଂ ଫାର୍ମାସିଷ୍ଟ ଭବଶଙ୍କର ଦେ ଟେକନିସିଆନ ଅରୁଣ କୁମାର ସେଠ ମହିଳା ସ୍ୱାସ୍ଥ୍ୟକର୍ମୀ ଚନ୍ଦନା ବାଗ କରିସ୍ମା ନାଏକ ସହଯୋଗ କରିଥିଲେ । ପ୍ରକଳ୍ପ ସଂଯୋଜକ ଚିତ୍ତ ରଞ୍ଜନ ନନ୍ଦ ଏବଂ ସିନିଅର ଫାର୍ମାସିଷ୍ଟ ଭଗବାନ ଚନ୍ଦ୍ର ପ୍ରଧାନ ଶିବିର ଟିକୁ ପରିଚାଳନା କରି ସାହାଯ୍ୟ ସହଯୋଗ କରିଥିଲେ ।

## ହୋମଗାର୍ଡର ୯୦ ପଦବୀ ନିଯୁକ୍ତି ପାଇଁ ଚାରି ହଜାରରୁ ଉର୍ଦ୍ଧ୍ୱ ଆଶାୟୀ

ନୟାଗଡ଼, (ମହାଭାରତ) : ନୟାଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ହୋମଗାର୍ଡଙ୍କୁ ନିଯୁକ୍ତି ପାଇଁ ଏବେ ପ୍ରକ୍ରିୟା ଚାଲୁ ରହିଛି । ନୟାଗଡ଼ ଜିଲ୍ଲା ପାଇଁ ୯୦ ଜଣ ହୋମଗାର୍ଡଙ୍କ ଆବଶ୍ୟକତା ଥିବା ଦର୍ଶାଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଏହି ୯୦ଟି ପଦବି ପାଇଁ ଚାରି ହଜାର ଦୁଇଶହ ଆଠ ଜଣ ଆଶାୟୀ ଆବେଦନ କରିଛନ୍ତି । ସେଥି ମଧ୍ୟରୁ ଜିଲ୍ଲା ବାହାରୁ ୧୨ ଜଣ ଆବେଦନ କରି ଅଛନ୍ତି । ଜିଲ୍ଲା ପୁଲିସ ପକ୍ଷରୁ ନୟାଗଡ଼ ପୁଲିସ ଟ୍ରେନିଂ ସ୍କୁଲ ଠାରେ ଆବେଦନ କରିଥିବା



ଆଶାୟୀ ମାନଙ୍କର ସ୍କ୍ରୁଟିନ୍ ପରିକ୍ଷା ହୋଇଥିଲା । ସେଥି ମଧ୍ୟରୁ ତିନି ହଜାର ଚାରିଶହ ଛଅ ଜଣ ପାଲା କ୍ୱାଲିଫାଇ ହୋଇ ରିଟିନ୍ ପାଇଁ ପ୍ରସ୍ତୁତ ହୋଇଥିଲେ । ରିଟିନ୍ ରେ ଦୁଇ ହଜାର ଛଅ ଶହ ଏଗାର ପିଲା କ୍ୱାଲିଫାଇ ହୋଇଥିଲେ । ସେଥି ମଧ୍ୟରୁ ହୋମଗାର୍ଡ ର ବିଭିନ୍ନ ପରୀକ୍ଷା କ୍ଷେତ୍ର ରେ କଟି ନଅ ଶହ ଦଶ ଜଣ ପିଲା କ୍ୱାଲିଫାଇ ହୋଇଛନ୍ତି । ଆଜି ଜିଲ୍ଲା ପୁଲିସ ପକ୍ଷରୁ କ୍ୱାଲିଫାଇ ହୋଇଥିବା ପିଲାଙ୍କର ଶାରୀରିକ ପ୍ରଶିକ୍ଷଣ ପରୀକ୍ଷା ଚାଲୁଅଛି । ଯେଉଁଥିରେ ପିଲା ଙ୍କ ଉଚ୍ଚତା, ଓଜନ, ଛାତି ର ମାପ ସହ ବିଭିନ୍ନ ପ୍ରକାରର ଶାରୀରିକ ରୋଗ ର ପରିକ୍ଷା କରାଯାଉଛି । ଜିଲ୍ଲା ବିଭିନ୍ନ ଥାନା ଅଞ୍ଚଳରୁ ଆସିଥିବା ଆଶାୟୀ ମାନଙ୍କୁ ନିଜ ଥାନା ଅଧୀନରେ ଭାଗ କରି ଚାଲିଛି ଶାରୀରିକ ପରୀକ୍ଷା । ଏହି ନଅ ଶହ ଦଶ ଜଣ କ୍ୱାଲିଫାଇ ପିଲାଙ୍କ ମଧ୍ୟରେ ୮୨ ଜଣ ଝିଅ ଅଛନ୍ତି । ଏଥିରୁ ଉତିର୍ନ୍ନ ହୋଇଥିବା ପିଲାଙ୍କୁ ଦିଆଯିବ ପୁଣି ଆନେକ ପରୀକ୍ଷା । ଯେଉଁଥିରେ ଯେଉଁ ପିଲା ପ୍ରତ୍ୟେକ କ୍ଷେତ୍ର ରେ ପାସ୍ କରିବେ ତ ହୋମଗାର୍ଡ ଭାବେ ନୟାଗଡ଼ ଜିଲ୍ଲା ପୁଲିସ ରେ ନିଯୁକ୍ତି ପାଇବେ ।

# କିଡ଼ିଙ୍ଗ ଗାଁରେ ଅଗ୍ନିବୀର ଯବାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



କଳାହାଣ୍ଡି (ମହାଭାରତ):ଯେଉଁ ଯବାନ ମାନଙ୍କ ପାଇଁ ଆମେ ନିଜକୁ ଗର୍ବିତ ମନେ କରୁଛୁ ଠିକ୍ ସେହି ସମୟରେ ଯେତେବେଳେ ବୀର ଯବାନ ନିଜ ଗାଁକୁ ଫେରିଛନ୍ତି । ତାଙ୍କୁ ସ୍ୱାଗତ କରିବା ପାଇଁ ଏକାଠି ହୋଇଛନ୍ତି ପରିବାର, ସାଙ୍ଗସାଥୀ ଓ ଗ୍ରାମବାସୀ । ଡିଜେ ବଜାଇ,କାନ୍ଧରେ କାନ୍ଧେଇ ମହାଆଡମ୍ବର ସହକାରେ ତାଙ୍କୁ ସ୍ୱାଗତ କରିଛନ୍ତି । କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ କିଡ଼ିଙ୍ଗ ଗ୍ରାମର ଲୋଚନ ଶବର ଓ ଲଳିତା ଶବରଙ୍କ ସାନ ପୁଅ ଚନ୍ଦ୍ର ଶବର ଭାରତୀୟ ଅଗ୍ନିବୀର ଯବାନ ଭାବେ ଚୟନ ହୋଇ ଦିର୍ଘ ୮ ମାସ ତାଲିମ ସାରିବା ପରେ ଆଜି ନିଜ ଗାଁ ନିଜ ଜନ୍ମଭୂମିକୁ ଫେରିଛନ୍ତି । ଆଜି ତାଙ୍କୁ ସ୍ୱାଗତ କରିବା ପାଇଁ ପରିବାର, ସାଙ୍ଗସାଥୀ ଓ ଗ୍ରାମବାସୀ ପୁଷ୍ପ ମାଲ୍ୟ ଅର୍ପଣ କରି ଶୋଭାଯାତ୍ରାରେ ପାଛୋଟି ନେଇଥିଲେ । ଅଗ୍ନିବୀର ଯବାନ ଚନ୍ଦ୍ର ଶବର ନିଜ ବନ୍ଧୁ ପରିଜନଙ୍କୁ ପାଇଁ ଭାବ ବିହ୍ୱଳ ହୋଇ ପଡିଥିଲେ । ତାଙ୍କୁ ଅତି ନିକଟରେ ପାଇ ପୁଷ୍ପ ମାଲ୍ୟ ଅର୍ପଣ ସହିତ ଆଲିଙ୍ଗନ ମଧ କରିଥିଲେ । ନୃତ୍ୟ ଓ ଡିଜେର ତାଳେ ତାଳେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଚନ୍ଦ୍ର କହିଛନ୍ତି ଯେ ଦେଶ ମାତୃକାର ସେବା ପାଇଁ ପ୍ରତ୍ୟେକ ଯୁବକ ଭାରତୀୟ ସେନା ବାହିନୀରେ ଯୋଗଦେବା ଉଚିତ । ଦିନେ ନା ଦିନେ ସମସ୍ତେ ମୃତ୍ୟୁ ବରଣ କରିବା, ମାତ୍ର ଦେଶ ପାଇଁ ମରିବା ଠାରୁ ଗର୍ବ ଓ ଗୌରବ ଆଉ କଣ ହୋଇ ପାରେ । ସେ ନିଜକୁ ଧନ୍ୟ ମନେ କରନ୍ତି ଯେ ଆର୍ମି ଭଳି ଏକ ସମ୍ମାନ ସ୍ପଦ ବିଭାଗରେ ଯୋଗ ଦେଇଛନ୍ତି । ଏଣୁ ଯୁବସମାଜ ସମାଜକୁ ଅନୁରୋଧ କରିଥିଲେ, ଏହି ବିଭାଗରେ ଯୋଗ ଦେବା ପାଇଁ ।ସେ ତାଙ୍କ ବାପା ଲୋଚନ ଶବର ଓ ମା' ଲଳିତାଙ୍କୁ ଶତ ଶତ ବାର ପ୍ରଣାମ ଜଣାଇ ଧନ୍ୟବାଦ ଅର୍ପଣ କରିଛନ୍ତି । ତେବେ ଚନ୍ଦ୍ର ଏହି ଅଞ୍ଚଳର ଜଣେ ପ୍ରଥମ ଯୁବକ ମାତୃଭୂମିର ରକ୍ଷା ପାଇଁ ଅଗ୍ନି ବୀର ଯବାନରେ ଯୋଗଦେଇ ଅଞ୍ଚଳ ଗୌରବ ଆଣିଥିବା ବେଳେ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

## ପୌରାଞ୍ଚଳରେ ଚାଲିଛି କାମ ; ଅଧିକାରୀଙ୍କ ପାଖରେ ସୂଚନା ନାହିଁ



ଖୋର୍ଦ୍ଧା, (ମହାଭାରତ) : ଖୋର୍ଦ୍ଧା ପୌରାଂଚଳର ୧୨ନଂ ୱାର୍ଡ ତଥା ଶ୍ରୀରାମନଗରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଚାଲିଛି ।ମୁଣ୍ଡଫଟା ଖରା ଓ ଅସହ୍ୟ ଗୁଳୁଗୁଳି ସତ୍ୱେ ଏଠାରେ ଦିନ ସାଢେ ୧୧ଟାବେଳେ ମଧ ଶ୍ରମିକ କଠିନ କାମ କରୁଥିବା ଦେଖିବାକୁ ମିଳିଛି । ଡହଡହ ଖରାରେ ଶ୍ରମିକଙ୍କ ଦ୍ୱାରା କାମ କରା ଯାଉଥିବା ବେଳେ ସରକାରୀ ନିୟମର ଖୋଲା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି । ସରକାର ପ୍ରଚଣ୍ଡ ଖରାକୁ ନେଇ ଶ୍ରମିକଙ୍କ କାମ କରିବାର ସମୟ ସାରଣୀ ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଶାରୀରିକ କାର୍ଯ୍ୟ ନ କରିବା ପାଇଁ ପ୍ରସ୍ତୁତ ହୋଇଥିଲେ ମଧ କ ତାହାର ସଠିକ୍ ତଦାରଖ ଠିକରେ ହୋଇପାରୁନାହିଁ । ଏତଦ୍ ବ୍ୟତୀତ ପୌରପରିଷଦ ଅଧିନରେ ନିର୍ମାଣ ଚାଲିଥିବା ଡ୍ରେନ୍ କାମ କେଉଁ ଠିକାଦାର ଏବଂ କେଉଁ ଠିକାସଂସ୍ଥାକୁ ଦିଆଯାଇଛି ତାର ତଥ୍ୟ ପୌର କାର୍ଯ୍ୟାଳୟ ନିକଟରେ ନଥିବା ନିର୍ବାହୀ ଅଧିକାରୀ ରିଜିୱାନା କୱିକବଙ୍କ ସୂତ୍ରରୁ ଜଣାଯାଇଛି । ଏପରିକି ଉକ୍ତ ଡ୍ରେନ କାର୍ଯ୍ୟକୁ ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟୀକରଣ ମିଳୁ ପାରୁନାହିଁ । ଯାହାକୁ ନେଇ ଚର୍ଚ୍ଚା ଜୋର ଧରଛି । ଶାସକ ଦଳର ସ୍ଥାନୀୟ ନେତାଙ୍କ ପୃଷ୍ଟ ପୋଷକତାରେ ରହୁଥିବା ଜନୈକ ଠିକାଦାର ରହି ଏଭଳି ବେଆଇନ କାର୍ଯ୍ୟ କରୁଥିବା ନେଇ ଶୁଣିବାକୁ ମିଳୁଛି । ମାତ୍ର ଡ୍ରେନ୍ ନିର୍ମାଣ ସମ୍ପର୍କରେ ପୌରପରିଷଦ କି ପୂର୍ତ୍ତ ବିଭାଗ କାହାଠାରୁ ମିଳି ପାରୁନାହିଁ ସନ୍ତୋଷ ଜନକ ଉତ୍ତର । ଅନ୍ୟପକ୍ଷରେ ସରକାରୀ ନିର୍ମାଣ ଓ ଉନ୍ନୟନ କାର୍ଯ୍ୟରେ ଠିକାଦାରଙ୍କ ସହ ବିଭିନ୍ନ ବିଭାଗର ଅଧିକାରୀ, ନିର୍ବାହୀ, ସହକାରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସିଧାସଳଖ ସମ୍ପର୍କ ରହୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି ।

## ଓଡ଼ଗାଁ ଏନ୍ଏସି ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ

ଓଡ଼ଗାଁ, (ମହାଭାରତ) : ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ନିର୍ବାଚନ ପାଇଁ ଜିଲ୍ଲାପାଳ ୧୯. ୦୫. ୨୦୨୫ ତାରିଖ ରେ ବିଜ୍ଞପ୍ତି ସଂଖ୍ୟା ୮୦୧ରେ ପଛୁଆ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ଆସନ ଉଲ୍ଲେଖ ଥିଲା । କିନ୍ତୁ ପରବର୍ତ୍ତୀ ଓଡ଼ିଶା ପୌର ସଂଶୋଧନ ଆଇନ ୨୦୨୨ରେ ପଛୁଆ ବର୍ଗଙ୍କୁ ସଂରକ୍ଷଣରୁ ବାଦ୍ ଦିଆଯାଇଥିବାରୁ ୦୫. ୦୬. ୨୦୨୫ ତାରିଖ ରେ ନୟାଗଡ଼ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ସଂଖ୍ୟା ୯୦୨ ଅନୁସାରେ ୱାର୍ଡ ସୀମା ନିର୍ଦ୍ଧାରଣ ପୂର୍ବବତ୍ ରହିଥ ?ିବା ବେଳେ ପ୍ରତ୍ୟେକ ୧୫ ୱାର୍ଡର ପୁନଃ ସଂଶୋଧିତ ସଂରକ୍ଷିତ ଆସନ ତାଲିକା ପ୍ରକାଶ ପାଇଛି । ୧ ନମ୍ବର ୱାର୍ଡ ବିଲମାନପୁର ଏବଂ ୨ ନମ୍ବର ୱାର୍ଡ ଛାମୁସାହି ଏହି ଦୁଇଟି ଆସନ ଅଣସଂରକ୍ଷିତଙ୍କ ପାଇଁ ରହିଥ ?ିବା ବେଳେ ପାଇକ ସାହି ୩ ନମ୍ବର ୱାର୍ଡ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ସେହିପରି ୪ ନମ୍ବର ୱାର୍ଡ ଆସନ ଅଧିକାରୀ ସାହି ଓ ଖାଡ଼ି ତେଲିସାହି ମହିଳାଙ୍କ ପାଇଁ, ୫ ନମ୍ବର ୱାର୍ଡ ଆସନ ପାଟଣାସାହି, ୬ ନମ୍ବର ୱାର୍ଡ ଆସନ ଓଡ଼ିଆ ସାହି ଓ ବଜାର ସାହି ଆସନ ଅଣସଂରକ୍ଷିତ ଅଛି । ୭ ନମ୍ବର ୱାର୍ଡ ହରିଜନ ସାହି ଓ ଲକ୍ ?ସାହି ଅନୁସୂଚିତ ଜାତିର ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବା ବେଳେ ୮ ନମ୍ବର ୱାର୍ଡ ବ୍ଲକ୍ ସାହି ଓ ବିଜୟ ମଣ୍ଡପ ସାହି ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି । ୯ ନମ୍ବର ୱାର୍ଡ ମଠ ଖଜୁରିଆ ଓ କୁମ୍ଭିଆପଲ୍ଲୀ ଆସନ ଅନୁସୂଚିତ ଜନଜାତି ମହିଳା ପାଇଁ ସଂରକ୍ଷିତ ରହିଥିବା ବେଳେ ୧୦ ନମ୍ବର ୱାର୍ଡ ଖେଳପଡ଼ିଆ ସାହି ଓ ଶିଳ୍ପୀ ନଗର ସାହି ଆସନ ଅଣସଂରକ୍ଷିତ ରହିଛି । ୧୧ ନମ୍ବର ୱାର୍ଡ ହେମାମାଳି ସାହି ଓ ଗାନ୍ଧୀ ନଗର ସାହି ଆସନ ମହିଳାଙ୍କ ପାଇଁ, ୧୨ ନମ୍ବର ୱାର୍ଡ ନିତ୍ୟାନନ୍ଦ ସାହି ଓ ଗୁପ୍ତମଠ ସାହି ଆସନ ମହିଳାଙ୍କ ପାଇଁ ଏବଂ ୧୩ ନମ୍ବର ୱାର୍ଡ ଦଳକ, ଗୁଡ଼ିଆସାହି ଓ କଲେଜ ରୋଡ୍ ଆସନଟି ମଧ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି । ସେହିପରି ୧୪ ନମ୍ବର ୱାର୍ଡ କଦଳୀବନ୍ଧ ଓ ଆଖୁପଦର ରାଜସ୍ୱ ଗ୍ରାମ ଆସନଟି ଏବଂ ୧୫ ନମ୍ବର ୱାର୍ଡ ଜାରିଙ୍ଗି ଆସନ ଅଣସଂରକ୍ଷିତ ରହିଛି ।

## ଗୁଆଳୀଗଡ଼ରେ ଗୋପୀନାଥଦେବଙ୍କ ନୂତନ ଭବ୍ୟ ମନ୍ଦିର ପ୍ରତିଷ୍ଠା ଉତ୍ସବ





ବାରଙ୍ଗ (ମହାଭାରତ) : ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ଗୁଆଳୀଗଡ଼ରେ ପ୍ରଭୁ ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କର ନୂତନ ଭବ୍ୟ ମନ୍ଦିର ଏବଂ ବିଗ୍ରହଙ୍କର ପ୍ରାଣପ୍ରତିଷ୍ଠା ସଂପୂର୍ଣ୍ଣ ହୋଇଯାଇଛି । ପ୍ରଭୁଙ୍କ ପ୍ରାଣ ପ୍ରତିଷ୍ଠା ବୈଦିକ ରୀତିନୀତି ଓ ମନ୍ତ୍ର ଉଚ୍ଚାରଣ ସହ ସମାପ୍ତ ହୋଇଛି । ଗତ ଶୁକ୍ରବାର ଦିନ ପ୍ରାତଃରୁ ସୂର୍ଯ୍ୟପୂଜା, ଗୋପୂଜା, ବିଗ୍ରହମାନଙ୍କ ମଣ୍ଡପେ ଷୋଡାଦି ନ୍ୟାସ, ପ୍ରାଣ ପ୍ରତିଷ୍ଠା, ଜୀବନ୍ୟାସ ଓ ଷୋଡଶୋପଚାର ପୂଜା, ପ୍ରାସାଦ ନ୍ୟାସ, ସିଂହନାଦ ନ୍ୟାସ, ଶ୍ରୀମଦ ଭଗବତ୍ ଗୀତା ଆହୁତି ପ୍ରଦାନ, ସର୍ବଦେବୋଦେବୀ ଆହୁତୀ, ବିଗ୍ରହ ମାନଙ୍କର ପ୍ରାଣପ୍ରତିଷ୍ଠା ଦିନ ଘ୧୧.୨୫ ସମୟରେ ଅନୁଷ୍ଠିତ ହୋ ଥିଲା । ପ୍ରାଣ ପ୍ରତିଷ୍ଠା ପରେ ଦିନ ୩.୩୯ରେ ପ୍ରଭୁଙ୍କର ମନ୍ଦିର ପ୍ରବେଶ ନୀତି ଅନୁଷ୍ଠିତ ହୋଇଥିଲା । ପ୍ରଭୁଙ୍କ ମନ୍ଦିର ପ୍ରବେଶ ପରେ ପ୍ରଭୁ ହଜାର ହଜାର ସଂଖ୍ୟକ ଭକ୍ତଙ୍କୁ ନବ ଯୌବନ ବେଶରେ ଦର୍ଶନ ଦେଇଥିଲେ । ସନ୍ଧ୍ୟାର ପୂର୍ଣ୍ଣାହୂତିରେ ମୁଖ୍ୟ ପୂଜକ ଦେବେନ୍ଦ୍ର ପଣ୍ଡାଙ୍କ ସହିତ ଜଗତସିଂପୁର ମା ସାରଳାଙ୍କ ପୀଠରୁ ଆସିଥିବା ପଣ୍ଡିତ ମଣ୍ଡଳୀ ସମୀର ଶ୍ରୀ ରାକେଶ କୁମାର ଦେବଶର୍ମା, ଜଗନ୍ନାଥ ଦେବଶର୍ମା, ନିକୁଞ୍ଜ ବିହାରୀ ଦେବଶର୍ମା, ତାପସ କୁମାର ଦେବଶର୍ମା, ଅକ୍ଷୟ କୁମାର ଦେବଶର୍ମା, ସରୋଜ କୁମାର ଦେବଶର୍ମା, ବୁଦ୍ଧଦତ୍ତ ଦେବଶର୍ମା ଗୁରୁପ୍ରସାଦ ଦେବଶର୍ମା, ପବିତ୍ର ନାରାୟଣ ଦେବଶର୍ମା, ବିଶ୍ୱଜିତ ଦେବଶର୍ମା, ଅମରେନ୍ଦ୍ର ଦେବଶର୍ମା ,ପ୍ରଶାନ୍ତ କୁମାର ଦେବଶର୍ମା, ଶଶିକାନ୍ତ ଦେବଶର୍ମା, କଳ୍ପତରୁ ଦେବଶର୍ମା ପ୍ରମୁଖ ଏବଂ ମୁଖ୍ୟକର୍ତ୍ତା ଓ କର୍ତ୍ତା ଭାବେ ଧୀରେନ୍ଦ୍ରନାଥ ଛୋଟରାୟ ,ରଙ୍ଗଲତା ଛୋଟରାୟ, ଚିତରଞ୍ଜନ ମଙ୍ଗରାଜ, ଜଳି ମଙ୍ଗରାଜ ,ରମେଶ ଚନ୍ଦ୍ର ପାତ୍ର, ରୀନା ପାତ୍ର ,ଦେବେନ୍ଦ୍ର ପଣ୍ଡା, ଉମାରାଣୀ ପଣ୍ଡା, ସୁଶାନ୍ତ ନାୟକ, ସବିତା ନାୟକ ପ୍ରମୁଖ ପୂର୍ଣ୍ଣାହୂତି ପୂଜାରେ ବସିଥିଲେ । ଶ୍ରୀ ଶ୍ରୀ ଗୋପୀନାଥ ଦେବଙ୍କ ଏହି ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି ଉତ୍ସବ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଭକ୍ତ ପ୍ରସାଦ ସେବନ କରିଥିଲେ । ଏହି ପୂର୍ଣ୍ଣାହୂତି ଉତ୍ସବରେ ଆହୁରି ଆଧ୍ୟାତ୍ମିକ ପରିବେଶ ଭକ୍ତଙ୍କ ମନରେ ସୃଷ୍ଟି କରିଥିଲା ହୋଇଥିବା ଭଜନସନ୍ଧ୍ୟା କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ସୁପ୍ରସିଦ୍ଧ ଘରେ ଘରେ ପରିଚିତ ସୁନାମଧନ୍ୟ କଣ୍ଠଶିଳ୍ପୀ ଗାୟିକା ଶୈଳଭାମା ମହାପାତ୍ର ଓ ତାଙ୍କ ସହଯୋଗୀଙ୍କ କଣ୍ଠରୁ ପରିବେଷଣ ସମସ୍ତ ଭଜନ ଗୁଆଳିଗଡ ଓ ଆସିଥିବା ଭକ୍ତ ଉପଭୋଗ କରିବା ସହିତ ମନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଶ୍ରୀ ଶ୍ରୀ ଗୋପୀନାଥଦେବଙ୍କ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଗୁଆଳିଗଡର ସମସ୍ତ ଗ୍ରାମବାସୀ ଏବଂ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମର ଯୁବଗୋଷ୍ଠୀ ଏହି ଆଧ୍ୟାତ୍ମିକ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ରକ୍ତଦାନ ଶିବିର

ଅନୁଗୁଳ, (ମହାଭାରତ): ଅନୁଗୁଳ ନାଲକୋନଗର ସ୍ଥିତ ସେବା ଓ ସାଂସ୍କୃତିକର ଅଗ୍ରଣୀ ଅନୁଷ୍ଠାନ " ସାରେଗାମା " ପ୍ରଯୋଜିତ ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତ ନିତ୍ୟାନନ୍ଦ ନାୟକଙ୍କ ସ୍ମୃତି ଉଦେଶ୍ୟରେ ସାରେଗାମା ଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମଟି ସାରେଗାମା, ସ୍ୱେଚ୍ଛାସେବୀ ସଂଗଠନ "ସ୍ପନ୍ଦନ", ଆମ ଓଡିଶା ଓ ଜିଲ୍ଲା ରେଡ଼କ୍ରସ ସଂସ୍ଥା ଙ୍କ ମିଳିତ ସହଯୋଗ ରେ ଅନୁଷ୍ଠିତ ହୋଇଥିଲା । ଶିବିର କାର୍ଯ୍ୟକ୍ରମ ଟିକୁ ମୁଖ୍ୟ ଅତିଥି ନାଲକୋ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ନରେଲା ସୁବ୍ରମଣ୍ୟମ, ସମ୍ମାନୀତ ଅତିଥି ଭାବେ ସମୂହ ମହାପ୍ରବନ୍ଧକ ( ସି ପି ପି ) ତଥା ସାରେଗାମା ର ମୁଖ୍ୟ ପରାମର୍ଶଦାତା ସତ୍ୟବାଦୀ ମିଶ୍ର ଓ ଅନ୍ୟତମ ଅତିଥି ଭାବେ ସମୂହ ମହାପ୍ରବନ୍ଧକ (ମାନବ ସମ୍ବଳ ) ତଥା ସାରେଗାମା ର ସଭାପତି ଶୁଭେନ୍ଦୁ କୁମାର ନାୟକଙ୍କ ଦ୍ୱାରା ଉଦଘାଟିତ କରା ଯାଇଥିଲା । ପ୍ରାରମ୍ଭରେ ସମସ୍ତ ଅତିଥି ବୃନ୍ଦ ସ୍ୱର୍ଗତ ନିତ୍ୟାନନ୍ଦ ନାୟକ ଙ୍କ ଫଟୋଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ସ୍ୱର୍ଗତ ନାୟକ ଙ୍କ ଅମର ଆତ୍ମା ର ସଦଗତି କାମନା କରି ୨ ମିନିଟ ର ନିରବ ପ୍ରାର୍ଥନା କରିଯାଇଥିଲା । ଶିବିର ରେ ରକ୍ତ ଦାନ ପାଇଁ ବହୁଳ ସ୍ୱେଚ୍ଛାକୃତ ଯୋଗଦାନ ପରିଲକ୍ଷିତ ହୋଇଥିଲା ।

## ଭାଲୁ ସହ ଲଢେଇ କରିଥିଲେ ଆଜି ସାର ରାଜ୍ୟରେ ପ୍ରଶଂସା ପାଇଲେ

ଭଂଜନଗର, (ମହାଭାରତ) : ଉତ୍ତର ଘୁମୁସୁର ବନଖଣ୍ଡ ତାରସିଂ ବନାଞ୍ଚଳର ଫରେଷ୍ଟର କଳାବଦନ ଦାସଙ୍କୁ ପିସିସିଏଫ୍ ୱାଇଲ୍ଡ ଲାଇଫ ପକ୍ଷରୁ ସବୁଜ ଯୋଦ୍ଧା ଭାବେ ଅଭିହିତ କରିଛନ୍ତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ତାଙ୍କ ସଂପର୍କରେ ଉଲ୍ଲେଖ କରି ସବୁଜ ଯୋଦ୍ଧା ଭାବେ ତାଙ୍କ କାର୍ଯ୍ୟକୁ ପ୍ରଶଂସା କରାଯାଇଛି । ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜଙ୍ଗଲ ଏବଂ ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ଶ୍ରୀ ଦାସ ନିଜର ଉତ୍ସର୍ଗୀକୃତ ଯୋଗଦାନ ଦେଇଛନ୍ତି । ବୃକ୍ଷରୋପଣ ଏବଂ ଶିକାର ବିରୋଧୀ ଅଭିଯାନର ନେତୃତ୍ୱ ନେବା ଠାରୁ ଆରମ୍ଭ କରି ଜଙ୍ଗଲକୁ ନିଆଁରୁ ରକ୍ଷା କରିବା ପର୍ଯ୍ୟନ୍ତ, ତାଙ୍କର ପ୍ରତ୍ୟେକ ପ୍ରୟାସ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ସଫଳତା ଆଣି ଦେଇଛି । ମାର୍ଚ୍ଚ ମାସରେ ଅଗ୍ନି ନିୟନ୍ତ୍ରଣ ଅଭିଯାନର ନେତୃତ୍ୱ ନେବା ସମୟରେ ଭାଲୁ ଆକ୍ରମଣରେ ସେ ଗୁରୁତର ଆହତ ହୋଇଥିଲେ ମଧ, ସେ ସାହସ ଏବଂ ପ୍ରତିବଦ୍ଧତାର ସହିତ ତାଙ୍କ କାର୍ଯ୍ୟ ଜାରି ରଖିଛନ୍ତି । ଦୃଢ଼ ନେତୃତ୍ୱ ଏବଂ ଅକ୍ଳାନ୍ତ ସେବା ମାଧ୍ୟମରେ, ଶ୍ରୀ ଦାସ ଆମ ସମସ୍ତଙ୍କୁ ପ୍ରକୃତିର ସୁରକ୍ଷା କରିବା ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ପ୍ରୟାସକୁ ସମର୍ଥନ କରିବା ପାଇଁ ପ୍ରେରଣା ଦେଇଥାନ୍ତି ବୋଲି ପିସିସିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଖବର ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ପ୍ରଦାନ କରାଯାଉଛି । ସୂଚନା ଅନୁଯାୟୀ,ତାରସିଂ ବନାଞ୍ଚଳର ବ୍ରାହ୍ମଣ ସାହି ଜଙ୍ଗଲରେ ଗତ ମାର୍ଚ୍ଚ ୭ ତାରିଖରେ ନିଆଁ ଲାଗିଥିବା ଖବର ପାଇଁ ବନପାଳ କଳାବଦନ ଦାସଙ୍କ ନେତୃତ୍ୱରେ କର୍ମଚାରୀ ମାନେ ନିଆଁ ଲିଭାଇବାକୁ ଯାଇଥିଲେ । ନିଆଁ ଲିଭାଇ ଫେରୁଥିବା ବେଳେ ଶ୍ରୀ ଦାସ ଏକ ଭାଲୁ ସହ ହଠାତ ମୁହାଁମୁହିଁ ହୋଇ ପଡିବାରୁ ଭାଲୁଟି ତାଙ୍କ ଡାହାଣ ହାତକୁ କାମୁଡିବା ସହ ଆକ୍ରମଣ କରିବାରୁ ସେ ଗୁରୁତର ହୋଇ ପଡିଥିଲେ ।

# ସୂଚନା ଅଧିକାର ଆଇନକୁ ଫୁ କରୁଛନ୍ତି ମୋହନା ପଞ୍ଚାୟତ ସମିତି ଅଧିକାରୀ



ମୋହନା, ୯/୬ (ମହାଭାରତ) : ଓଡ଼ିଶାରେ ୨୦୨୪ ସାଧାରଣ ନିର୍ବାଚନରେ ୨୫ ବର୍ଷର ତତ୍କାଳୀନ ସରକାରକୁ ଗାଦିଚ୍ୟୁତ କରାଇ ସାଧାରଣ ଲୋକେ ଡବଲ ଇଞ୍ଜିନ ସରକାରକୁ ଓଡ଼ିଶାର ଶାସନ ଭାର ଦାୟିତ୍ୱ ଦେଇଥିଲେ କାରଣ ଦୁର୍ନୀତି, ଭ୍ରଷ୍ଟାଚାର, ପିସି କାରବାର ତତ୍କାଳୀନ ସରକାରରେ ବୃଦ୍ଧି ପାଇଯାଇଥିଲା । ସେଥି ପାଇଁ ଲୋକେ ଡବଲ ଇଞ୍ଜିନ ସରକାରକୁ ବାଛିଥିଲେ । ବର୍ତ୍ତମାନ ସରକାରରେ ଦୁନୀତିଗ୍ରସ୍ତ ବାବୁମାନଙ୍କ ଉପରେ ଭିଜିଲାନ୍ସର ଛାଟ ପଡୁଥିବା ବେଳେ ତାହାକୁ ଖାତିର ନକରି ଗଜପତି ଜିଲ୍ଲା ମୋହନା ବ୍ଲକର ବାବୁ ମାନେ ଦୁର୍ନୀତି,ପିସି କାରବାର ମିଥ୍ୟାବିଲ, ଭ୍ରଷ୍ଟାଚାରରେ ବୁଡି ରୁହନ୍ତି । ଯଦି କହିବା ମୋହନା ବ୍ଲକର ଡେଙ୍ଗାସଖାଲ ପଂଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ନିଜ ପଞ୍ଚାୟତରେ ସମସ୍ତ କାର୍ଯ୍ୟର ଟଙ୍କାକୁ ଚଳୁ କରିଦେଉଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କଲେ ମଧ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଏହି ପଞ୍ଚାୟତର ସମସ୍ତ କାମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜଣେ ହିଁ ସମସ୍ତ କାମକୁ ଠିକା ମାଧ୍ୟମରେ କାମ କରୁଥିବା ନେଇ ଅଂଚଳବାସୀ ଅଭିଯୋଗ କରି ଆସିଛନ୍ତି । ଅନେକ କାମର ଅର୍ଥକୁ କାମ ନକରି ହରିଲୁଟ କରିଛନ୍ତି । ସେଥିମଧ୍ୟରୁ ଏହି ପଞ୍ଚାୟତର ମହାଗୁଡା ଗାଁରେ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ପାନୀୟ ଜଳ ଯୋଗାଣ ପାଇଁ କେନ୍ଦ୍ର ଅର୍ଥ ଅନୁଦାନ ୩୨୪୦୦୦ ଟଙ୍କାର କାମ ଆସିଥିଲା । କିନ୍ତୁ କୌଣସି କାମ ନକରି ସମସ୍ତ ଟଙ୍କାକୁ ଚଳୁ କରିଦେଇଛନ୍ତି । ଏତେ ବଡ ଦୁର୍ନୀତି କିଭଳି ହେଲା ତାହାହିଁ ସବୁଠାରୁ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ତେବେ ସେହି କାମକୁ କନିଷ୍ଠଯନ୍ତ୍ରୀ କିଭଳି ବିଲ କଲେ ? ସହକାରୀ ନିର୍ବାହୀ ଯନ୍ତ୍ରୀ କିଭଳି ଚେକ ବୁକରେ ଦସ୍ତଖତ କଲେ ? ତାହାହିଁ ସବୁଠାରୁ ବଡ ପ୍ରଶ୍ନବାଚୀ ସୃଷ୍ଟି ହେଉଛି କ୍ଷ ଏନେଇ ଯେତେବେଳେ ଗତ ଏପ୍ରିଲ ୪ ତାରିଖ ଦିନ ସୂଚନା ଅଧିକାର ଆଇନ ୨୦୦୫ ବଳରେ ବ୍ଲକରୁ ତଥ୍ୟ ମଗା ଯାଇଥିଲା ତେବେ ନିୟମ ଅନୁସାରେ ଏକ ମାସ ଭିତରେ କୌଣସି ତଥ୍ୟ ଦେଇନାହାନ୍ତି । ପୁଣି ମେ ୧୩ ତାରିଖ ଦିନ ଆର ଟି ଆଇର ପ୍ରଥମ ଅପିଲ ଆବେଦନ କରାଯାଇଥିଲା କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ତଥ୍ୟ ଦିଆ ଯାଇନାହିଁ । ତେବେ ଡେଙ୍ଗସଖାଲ ପଞ୍ଚାୟତର ଦୁର୍ନୀତିକୁ ବ୍ଲକ ପ୍ରଶାସନ ପକ୍ଷରୁ ଘଣ୍ଟ ଘୋଡାଇବା ବୁଦ୍ଧିଜୀବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ଏନେଇ ବିଡ଼ିଓଙ୍କ ସହ ଫୋନ ମାଧ୍ୟମରେ ବାରମ୍ବାର ଯୋଗାଯୋଗ କରିବା ପାଇଁ ଚେଷ୍ଟା କରିଥିଲୁ କିନ୍ତୁ ବିଡ଼ିଓ ଫୋନ ଉଠାଇନଥିଲେ । ତେବେ ମହାଗୁଡା ଗାଁର ଦୁର୍ନୀତି ଉପରେ ଭିଜିଲାନ୍ସ ତଦନ୍ତ କରାଯାଉ ବୋଲି ଅଂଚଳବାସୀ ଦାବି କରିଛନ୍ତି ।

## ଠିକାଦାରଙ୍କ ମନମୁଖିରେ ଚାଲିଛି ରାସ୍ତା କାମ



ରାଇଘରବ୍ଲକ (ମହାଭାରତ): ଚାଲିଛିଠିକାଦାରଙ୍କ ମନଇଛା ରାସ୍ତା କାମ। ବିକଶିତ ଗାଁ ବିକଶିତ ଭାରତ ନାରା ଦିଆଯାଉଥିବା ବେଳେ ଏହି ରାସ୍ତା କାମ ଦେଖିଲେ ଲାଗୁଚି ଓଡିଶା ନା ବିକଶିତ ହେବ ନା ଠିକାଦାର ବିକଶିତ ହେବେ। ଏହି ପରି ନିମ୍ନମାନର ରାସ୍ତା କରି ଠେକାଦାର ଆଉ ଯନ୍ତ୍ରୀ ହେଉଛନ୍ତି ମାଲେମାଲ। ସୂଚନା ପ୍ରକାରେ, ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୋହଣ୍ଡ ପଂଚାୟତର ସଦର ମହକୁମା ଠାରୁ ଡଙ୍ଗରିପାରାର ଛତିଶଗଡ ସୀମା ପର୍ଯ୍ୟନ୍ତ ଆରଡ଼ି ଡିପାର୍ଟମେଣ୍ଟ ରୁ ଉନ୍ନତିମୂଳକ ରାସ୍ତା କାମ ପାଇଁ ଓଡିଶା ସରକାର କୋଟି କୋଟି ଖର୍ଚ୍ଚ କରିଥିଲେ ହେଁ ଏଠି ଠେକାଦାର ଆଉ ଯନ୍ତ୍ରୀ ଙ୍କ ମଧୁଚନ୍ଦ୍ରିକା ଚାଲିଛି ରାସ୍ତା କାମ। ସରକାରଙ୍କ ଟଙ୍କାକୁ ବାଟ ମାରଣା କରୁଛନ୍ତି ଓ ନିମ୍ନମାନର କାମ କରୁଛନ୍ତି ଏବଂ ଠିକାଦାରଙ୍କ ଏଭଳି ନିମ୍ନମାନ ରାସ୍ତାର ନବୀକର କରୁଛନ୍ତି। ରାସ୍ତା କାର୍ଯ୍ୟର ନିୟମ ଅନୁଯାୟୀ ପିଚୁ ନ ପଡିବା ସହ ଆବଶ୍ୟକ ଠାରୁ ବହୁତ କମ ଓ ପତଳା ଆବରଣ ରେ ପିଚୁ ରାସ୍ତା ର୍ନିମାଣ ହେଉଥିବା ଦେଖିବାକୁ ମିଳିଛି। ଏହି ପରି ନିମ୍ନମାନର ରାସ୍ତା କାମକୁ ମୋହଣ୍ଡ ଗ୍ରାମବାସୀ ଘୋର ବିରୋଧ କରିଥିବା ଦେଖିବାକୁ ମିଳିଛି। ଆଗକୁ ବର୍ଷା ଦିନ ଆସୁଥିବା ବେଳେ ଏଭଳି ରାସ୍ତା ଖୁବ କମ ଦିନରେ ନଷ୍ଟ ହୋଇଯିବ ଓ ଯାତାୟାତ ବାଧା ପ୍ରାପ୍ତର ମଧ୍ୟ ଆଶଙ୍କା ରହିଛି। ଉକ୍ତ ରାସ୍ତା କୁ ଯଦି ନିୟମ ଅନୁଯାୟୀ ଭଲ ଭାବରେ ତିଆରି ନ ହୁଏ ଆଗାମୀ ଦିନରେ ରାସ୍ତା ରୋକ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ଠେକାଦାରଙ୍କୁ। ତେବେ ଗ୍ରାମବାସୀଙ୍କ କହିବା କଥା ଅନୁଯାୟୀ ଏହି କାମ ଠିକାଦାର ଓ ଆର ଡି ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ସରକାରଙ୍କ ଟଙ୍କାଙ୍କୁ ଯନ୍ତ୍ରୀ ଓ ଠେକାଦାର ହରିଲୁଟ କରୁଛନ୍ତି ବୋଲି ମୋହଣ୍ଡ ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ବଜ୍ରପାତ ରେ ହେଲପର ର ମୃତ୍ୟୁ ଡ୍ରାଇଭର ଆହତ

ବ୍ୟାସନଗର, (ମହାଭାରତ )କୋରେଇ ଥାନା ଅନ୍ତର୍ଗତ ରଗଡି ଛକ ନିକଟ ମା' ବାଗେଶ୍ୱରୀ ହୋଟେଲ ନିକଟରେ ସୋମବାର ଦିନ ସାଢେ ଗୋଟାଏ ରୁ ଦୁଇଟା ମଧ୍ୟରେ ବଜ୍ରପାତରେ ଜଣେ ଟ୍ରକ ହେଲପର ର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି । ଖାଇବା ପାଇଁ ହୋଟେଲ ନିକଟରେ ଟ୍ରକ ରଖି ଉଭୟ ସିମେଣ୍ଟ କୁଣ୍ଡରେ ଗାଧୋଉଥିବା ବେଳେ ବଜ୍ରପାତ ର ଶିକାର ହୋଇଥିଲେ କେନ୍ଦୁଝର ରୁ ଲୁହାପଥର ଗୁଣ୍ଡ ନେଇ ଟ୍ରକ ପାରାଦ୍ୱୀପ ଅଭିମୁଖେ ଯାଉଥିବା ବେଳେ ଏହି ଅଘଟଣ ଘଟିଛି ମୃତକ ହେଲେ ଦିଲ୍ଲୀପ ନାୟକ (୨୪) ପିତା -ଧୋଳେଶ୍ୱର ନାୟକ,ଗ୍ରାମ-ବଜ୍ରୋକୋଟ, ଥାନା -ରେଙ୍ଗାଲି ଡ୍ୟାମ ସାଇଟ, ଜିଲ୍ଲା ଅନୁଗୁଳ ଓ ଆହତ ଡ୍ରାଇଭର ହେଲେ ପପୁ ଖୁଣ୍ଟିଆ( ୨୭)ପିତା -ରାମଚନ୍ଦ୍ର ଖୁଣ୍ଟିଆ ଗ୍ରାମ କଳଣ୍ଡା, ବ୍ଲକ -ବାଂଶପାଳ, ଜିଲ୍ଲା କେନ୍ଦୁଝର ଖବର ପାଇ କୋରେଇ ପୋଲିସ ପହଞ୍ଚି ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି କୋରେଇ ଅଞ୍ଚଳ ରେ ଅପରାହ୍ନ ରେ ବର୍ଷା ସହିତ ପ୍ରବଳ ଭାବରେ ବିଜୁଳି ଘଡଘଡି ମାରିଥିଲା ଏହାଦ୍ୱାରା ଲୋକମାନେ ଭୟଭୀତ ହୋଇ ପଡ଼ିଥିଲେ ବଜ୍ରପାତ ରେ କେଉଁଠି ଘରର ଆଜବେଷ୍ଟସ ଭାଙ୍ଗି ଯାଇଛି ତ ଆଉ କେଉଁଠି ପଙ୍ଖା, ଇନଭର୍ଟର ଓ ଅନ୍ୟ ବିଦ୍ୟୁତ ଉପକରଣ ପୋଡି ଯାଇଥିବା ଜାଣିବାକୁ ମିଳିଛି ।

## ରାସ୍ତାରେ ଭାସୁଛି ଡ୍ରେନର ଅପରିଷ୍କାର ଜଳ



ଗଜପତି ଜିଲ୍ଲା ଷ୍ଟାଡି ୟମ୍ ନିକଟରେ ଥିବା ଭା ର ତ ପେଟ୍ରୋଲ ନିକଟରେ ଡ୍ରେନ ଜ ର ଅପ୍ ରିଷ୍କର ଜଳ ରାସ୍ତାରେ ଭାସୁଛି ରାସ୍ତାରେ ପାଣି ଜମୁଛି । ଗାଡ଼ି ଘୋଡ଼ା ଗଲେ ପାଣି ପଥ ଚାରି ଙ୍କ ଉପରେ ଛିଟିଛି । ଜନ ସାଧାରଣ ନାହିଁ ନଥିବ ଅସୁବିଧା ସମ୍ମୁଖୀନ ହଉଛନ୍ତି। ଏଥି ପ୍ରତି ଜିଲ୍ଲା ପ୍ରଶସନ ଦୃଷ୍ଟି ଦେଲେ ଜନ ସାଧାରଣ ଉପକୃତ ହୋଇ ପାରିବେ।

## ଖଡିଆଳ ମିଶନ ଶକ୍ତି ଭବନ ଠାରେ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଖଡ଼ିଆଳ:(ମହାଭାର)ନୂଆପଡ଼ା ଜିଲ୍ଲା ଖଡିଆଳ ମିଶନ ଶକ୍ତି ଭବନ ଠାରେ ଆଜି ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି। ଏହି ପ୍ରତିଯୋଗିତା ରେ ଖାଡ଼ିଆଳ ବ୍ଲକର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ମାନେ ସାମିଲ ହୋଇ ପାରମ୍ପରିକ ଦ୍ରବ୍ୟରେ ପାରମ୍ପରିକ ମଣ୍ଡା ପିଠା ସହ କ୍ଷୁଦ୍ର ଶସ୍ୟ ବହୁଳ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ମିଲେଟ ଖାଦ୍ୟ ବହୁଳ ବ୍ୟବହାର ସାଙ୍ଗକୁ କୋଦୋ ଚାଉଳ ପୂର୍ବରୁ ଲୋକେ ଖାଉଥିଲେ। ଏହି ଚାଉଳର ବହୁ ଔଷଧୀୟ ଗୁଣ ରହିଥିବା ବେଳେ ଏହାର ଖାଦ୍ୟ ପ୍ରସ୍ତୁତ ପ୍ରଣାଳୀ ରେ ଆଧୁନିକତା ଶୈଳୀର ମିଶ୍ରଣ କରି କୋଦୋ ପଲାଉ ତିଆରି କରିଛନ୍ତି। ଆରିସା ପିଠା, ମଣ୍ଡା, ବିରି ପିଠା, ମୁଗ ବରା, ମାଣ୍ଡିଆ କେକ ଭଳି ପଶ୍ଚିମ ଓଡ଼ିଶା ପ୍ରସିଦ୍ଧ ପିଠା ଭଳି ଅନେକ ସୁସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଖାଦ୍ୟ ପ୍ରତିଯୋଗିତାରେ ପ୍ରଦର୍ଶିତ କରିଥିଲେ। ଏହାଦ୍ୱାରା ବର୍ତ୍ତମାନ ଯୁଗ ଉପଯୋଗି ପିଠା ପ୍ରସ୍ତୁତ କରି ଯୁବ ଗୋଷ୍ଠୀଙ୍କୁ ଆକୃଷ୍ଟ କରିବା ପୁଷ୍ଟିକର ଖାଦ୍ୟ ପ୍ରଦାନର ମୁଳଲକ୍ଷ ଅଟେୟ କାର୍ଯ୍ୟକ୍ରମରେ ଖଡ଼ିଆଳ ବ୍ଲକର ୨୩ ଗୋଟି ଏସଏଚଜି ଗ୍ରୁପର ମହିଳା ସଦସ୍ୟା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଡ଼ିଆଳ ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଖଡ଼ିଆଳ ଭାରପ୍ରାପ୍ତ ବିଡିଓ ରମାକାନ୍ତ ବେହେରା, ଖଡ଼ିଆଳ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ,୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ଚି□ରଞ୍ଜନ ବେହେରା,୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ଅଙ୍ଗନ ୱାଡି ସୁପର ଭାଇଜର ସଂକୁନ୍ତଳା ନାଗ ପ୍ରମୂଖ ମ□ ଆସିନ ଥିବା ବେଳେ ବିପିଏମ ଶରତଚନ୍ଦ୍ର ଦୀପ ମଞ୍ଚ ପରିଚାଳନା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦ୍ୱାଦଶ ଇଫକୋ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ଉଦଯାପିତ







ପାରାଦୀପ(ମହାଭାରତ): ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହ□ ସମବାୟ ଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପରିସରରେ ଅନୁଷ୍ଠିତ ଦ୍ୱାଦଶ ଆନ୍ତଃ ୟୁନିଟ୍ ସାଂସ୍କୃତିକ ସମାରୋହ ରବିବାର ରାତିରେ ଉଦଯାପିତ ହୋଇଯାଇଛି । ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଇଫକୋର ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି , ରେଖା ଅଓସ୍ତି ଯୋଗ ଦେଇଥିଲେ । ସୋମବାର ଠାରୁ ଅନୁଷ୍ଠିତ ଏହି ସାଂସ୍କୃତି ସମାରୋହରେ ଇଫକୋରଫୁଲପୁର, କାଲ୍ଲୋଲ,ଆଓଁଲା, କାଣ୍ଡଲା,ଇଫକୋ ମୁଖ୍ୟାଳୟ , ଇଫକୋ ମାର୍କେଟିଙ୍ଗ ବିଭାଗ ସମେତ ପାରାଦୀପ ୟୁନିଟ୍ ସାମିଲ ହୋଇଥିଲେ। ପାରାଦୀପ ଇଫକୋ ୟୁନିଟ୍ ସମସ୍ତ ବିଭାଗରେ ସଫଳତା ପ୍ରଦର୍ଶନ କରିବା ସହିତ ଓଭରଅଲ ଚମ୍ପିୟାନ ଆଖ୍ୟା ଅର୍ଜୀନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ଉଦଯାପନୀ ସମାରୋହର ମୁଖ୍ୟଅତିଥି ଡ. ଅଓସ୍ତି ଇଫକୋର ସଫଳତା ପଛରେ ଅଧ୍ୟକ୍ଷ ଦିଲ୍ଲୀପ ସଂଘାନୀଙ୍କ ଅବଦାନକୁ ଉଚ୍ଚପ୍ରଶଂସା କରିଥିଲେ । ଓଡିଶା ଭଗବାନ ଲିଙ୍ଗରାଜ, ସୂର୍ଯ୍ୟ ମନ୍ଦିର ଓ ମହାପ୍ରଭୁ ଜଗନ୍ନାଥଙ୍କ ଭୂମି। ତାଙ୍କ ଆର୍ଶୀବାଦ ପାଇଁ ଆମେ ଭାଗ୍ୟବାନ କହିଥିଲେ। ଏହି ୟୁନିଟ୍କୁ ଅଧିଗ୍ରହଣ କରିବା ସମୟରେ ତାଙ୍କର ନିଷ୍ପତ୍ତି ଆଜି ସଠିକ୍‌ରେ ପରିଗଣିତ ହୋଇଛି। ୨୦୦୫ ମସିହାରେ ଏହି ସମାରୋହ ଆରମ୍ଭ ହୋଇଥିଲା ସମସ୍ତ ଇଫକୋର ମଧ୍ୟରେ ଏକତା, ପ୍ରତିଭାକୁ ବିକଶିତ କରିବା ଥିଲା ଲକ୍ଷ୍ୟ, ଏହି ଲକ୍ଷ୍ୟ ସଫଳ ହୋଇଥିବାରୁ ସେ ସମସ୍ତଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଇଥିଲେ । ଏହି ସମାରୋହ ସଫଳତାର ସହିତ ଉଦଯାପିତ ହୋଇଥିବାରୁ ପାରଦୀପ ୟୁନିଟ୍ ମୁଖ୍ୟ ପି.କେ.ମହାପାତ୍ର ଏହି ସମାରୋହ ସବୁ ଦିନ ପାଇଁ ସ୍ମୃତି ହୋଇ ରହିବ ବୋଲି କହିଥିଲେ । ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆର୍ଶୀବାଦ ଓ ପରିଚାଳନା ନିର୍ଦ୍ଦେଶକ ଡ.ଉଦୟ ଶଙ୍କର ଅଓସ୍ତି , ରେଖା ଅଓସ୍ତି ଦିଗ୍‌ଦର୍ଶନ ଏହି ସମାରୋହକୁ ସଫଳତାର ସହିତ ସମାପନ ହୋଇଛି । ଆୟୋଜନ କମିଟିର ମୁଖ୍ୟ ଏସ.ପି.ରଥ, ସମସ୍ତ ଅଧିକାରୀ, କର୍ମଚାରୀ ସଂଘ ଓ ଅଫିସର୍ସ ସଂଘଙ୍କ ଅକ୍ଲାନ୍ତ ପରିଶ୍ରମ ଏହି ସମାରୋହ ସଫଳତାର ସହିତ ଶେଷ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ଇଫକୋ ଯେ କେବଳ ଏକ ଅନୁଷ୍ଠାନ ନୁହେଁ ଦେଶର କୃଷକଙ୍କ ସାଥିରେ ସବୁବେଳେ ଯୋଡି ହୋଇ ରହିଛି ଏବଂ ଆଗାମୀ ଦିନରେ ଏହା ବଳବ□ର ହୋଇ ରହିବ।

## କେନାଲ ପାଲଟିଛି ଡମ୍ପିଂ ୟାର୍ଡ -- ଖରିଫ ଚାଷ ପୂର୍ବରୁ ସଫେଇ ଦାବି

ଅସ୍ତରଙ୍ଗ, (ମହାଭାରତ) : ମୌସୁମୀର ଆଗମନକୁ ନେଇ ଚାଷୀମାନେ ଖୁସି ବ୍ୟକ୍ତ କରୁଥିବା ବେଳେ କାକଟପୁର ଜଳସମ୍ପଦ ବିଭାଗ ଅନ୍ତର୍ଗତ ବିଭିନ୍ନ କେନାଲ ଏବେ ଡମ୍ପିଂ ୟାର୍ଡ୍ ପାଲଟିଛି ।ଜଳବାୟୁ ପରିବର୍ତ୍ତନ ଓ ବାୟୁମଣ୍ଡଳ ପ୍ରଦୂଷଣ ଯୋଗୁଁ ବର୍ଷା ଋତୁରେ ମଧ୍ୟ ନିୟମିତ ବର୍ଷା ହେଉନି। ଏଥିପାଇଁ ରାଜ୍ୟ ସରକାର ଜଳସେଚନ ବ୍ୟବସ୍ଥା କରି ସୁବିଧାରେ କୃଷକମାନେ ଚାଷ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ କେନାଲ୍ ପ୍ରସ୍ତୁତ କରିଛନ୍ତି। କିନ୍ତୁ ପରିତାପର ବିଷୟ, ସର୍ବସାଧାରଣଙ୍କ କାର୍ଯ୍ୟରେ ଲାଗୁଥିବା କେନାଲ ଗୁଡିକକୁ କେନାଲ ସନ୍ନିକଟ ବାସିନ୍ଦା ମାନେ ଅଳିଆ ଆବର୍ଜନାରେ ପୋତି ପକାଇଛନ୍ତି । ଫଳରେ ଜଳସମ୍ପଦ ବିଭାଗ ପକ୍ଷରୁ କାକଟପୁର ଆରମ୍ଭ କରି ଅସ୍ତରଙ୍ଗ ପର୍ଯ୍ୟନ୍ତ କେନାଲ ରହିଥିଲେ ମଧ୍ୟ ଅସ୍ତରଙ୍ଗ ମୁଖ୍ୟ ବଜାର ନିକଟସ୍ଥ କେନାଲରେ କୁଢ଼ କୁଢ଼ ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇ ରହିଥିବାରୁ ଖରିଫ ସମୟରେ କେନାଲରେ ଜଳ ସ୍ରୋତ ବାଧାପ୍ରାପ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।ଏଥି ସହିତ ତଳ ମୁଣ୍ଡ ଚାଷ ଜମିକୁ କେନାଲ ପାଣି ଯାଇପାଇବ ନାହିଁ। ସେହି କେନାଲ ଅସ୍ତରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବଜାର ଦେଇ ଯାଇଛି। ଯଦି ବର୍ଷା ପୂର୍ବରୁ କେନାଲ୍ ସଫା ନହୁଏ, ତେବେ ବର୍ଷା ଦିନରେ ପାଣି ନିଷ୍କାସନ ହୋଇ ପାରିବ ନାହିଁ। ଫଳରେ କେନାଲରେ ରହିଥିବା ଅଳିଆ ଆବର୍ଜନା ପଚି ସଢି ସ୍ଥାନୀୟ ପରିବେଶ ପ୍ରଦୂଷଣ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମୁଖ୍ୟ ବଜାରରେ ରହୁଥିବା ସାଧାରଣ ଲୋକ, ସ୍ଥାନୀୟ ବାସିନ୍ଦା ବିଭିନ୍ନ ସଂକ୍ରମଣର ଶୀକାର ହେବେ। ଏ ନେଇ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ୍ କରାଯାଉଥିଲେ ମଧ୍ୟ କେତେକ ହୋଟେଲ ବ୍ୟବସାୟୀ ଓ ଅସ୍ତରଙ୍ଗ ବଜାରର ମାତ୍ରାଧିକ ବର୍ଜ୍ୟକୁ ଲୋକମାନେ କେନାଲରେ ପକାଇଛନ୍ତି । ପୋଲିସ ପ୍ରଶାସନ କିମ୍ବା ସ୍ଥାନୀୟ ପ୍ରଶାସନ ଏ ନେଇ ନୀରବ ଦ୍ରଷ୍ଟା ସାଜିଛନ୍ତି । ରାଜ୍ୟ ସରକାର ପ୍ରତିବର୍ଷ କେନାଲ୍ ର୍ନିମାଣ କରିବା ସହିତ ସଫା କରିବା ପାଇଁ ଜଳସମ୍ପଦ ବିଭାଗ ବାର୍ଷିକ କୋଟି କୋଟି ଟଙ୍କା ବ୍ୟୟ କରିଥାନ୍ତିୟ ମୁଖ୍ୟ କେନାଲ ଗୁଡ଼ିକ ଚାଷ ପାଇଁ ଗୁରୁତ୍ୱ ବହନ କରୁଛି। କେନାଲର ଏପରି ଦୁରାବସ୍ଥା ଦେଖି ଚାଷୀମାନେ ଏବେ କେନାଲ୍ ଉପରେ ଭରସା କରିପାରୁନାହାନ୍ତି। ଅସ୍ତରଙ୍ଗ ମୁଖ୍ୟ ବଜାରରେ ରହୁଥିବା ସ୍ଥାନୀୟ ବାସୀନ୍ଦା ଓ କୋମଳମତି ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଏବଂ ଚାଷୀମାନଙ୍କୁ ଦୃଷ୍ଟିରେ ରଖି କେନାଲ୍ ଗୁଡିକ ସଫା କରିବା ପାଇଁ ସାଧାରଣରେ ଦାବି କରାଯାଉଥିବା ବେଳେ ସ୍ୱଚ୍ଛତା ଜାରି ରଖିବା ପାଇଁ ଜନ ସଚେତନତା ଅପରିହାର୍ଯ୍ୟ ହୋଇପଡିଛି ।

## ବାରହାକୁ ମାରି ବିକ୍ରି ଉଦ୍ୟମ ପଣ୍ଡ- ଉଦ୍ଧାର କଲା କୁଜଙ୍ଗ ବନ ବିଭାଗ



ପାରାଦୀପ(ମହାଭାରତ): ପାରାଦୀପ ଇଫକୋ ସାର କାରକାନା ପଛପଟ ମୂଷାଡିଆ ଗ୍ରାମରେ ଏକ ବାରହାକୁ ଧରି ତାକୁ ମାରି ବିକ୍ରି କରିବାକୁ ଯୋଜନା ପଣ୍ଡ ହୋଇଛି । ବାରହାକୁ ମାରି କିଏ କେତେ କିଲୋ ମାଂସ ନେବେ ସେଥି ପାଇଁ ଟଙ୍କା ଦିଆ ନିଆବି ସରିଥିଲା । ବାରହାକୁ ମାରିବା ପୂର୍ବରୁ ଖବର ପାଇ ବାରହାକୁ ଉଦ୍ଧାର କରିଛନ୍ତି କୁଜଙ୍ଗ ବନଖଣ୍ଡ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡେଇ ଓ ଫରେଷ୍ଟ ଗାର୍ଡ ନିରଂଜନ ମଣ୍ଡଳ । ଘଟଣାରୁ ପ୍ରକାଶଯେ, ଇଫକୋ ସାର କାରଖାନା ପଛପଟେ ଥିବା ଜଙ୍ଗଲରେ ବହୁ ଜଙ୍ଗଲୀ ଜୀବଜନ୍ତୁଙ୍କ ସମେତ ବାରହା ମଧ୍ୟ ରହୁଛନ୍ତି । ସେଥି ମଧ୍ୟରୁ ଏକ ବାରହା ଏକ ଖାଲରେ ପଡିଯାଇଥିଲା । କିଛି ଲୋକ ଏହାକୁ ଉଦ୍ଧାର କରି ତାର ଗୋଡକୁ ବାନ୍ଧି ନେଇ ଯାଇଥିଲେ । ବାରହାକୁ ଜଙ୍ଗଲରେ ଛାଡିବା ପରିବର୍ତ୍ତେ ବାରହାକୁ ମାରି ତାର ମାଂସକୁ କିଲୋ ପିଛା ୩୦୦ଟଙ୍କାରେ ବିକ୍ରି କରିବାକୁ ଗ୍ରାହକମାନଙ୍କ ଠାରୁ ଅଗ୍ରୀମ ଟଙ୍କା ଆଦାୟ କରିଥିଲେ । ବାରହାଟିର ଓଜନ ପ୍ରାୟ ୮୫ରୁ ୯୦ କିଲୋ ମଧ୍ୟରେ ହେବ ବୋଲି ଜଣାପଡିଛି । ରାତାରାତି ବାରହାକୁ ମାରି ତାର ମାଂସ ପଇସା ଦେଇଥିବା ଲୋକ ଘରେ ପହଂଚେଇ ଦେବା ପାଇଁ ଯୋଜନା ହୋଇଥିଲା । ହେଲେ କୁଜଙ୍ଗ ବନଖଣ୍ଡ ଅଧିକାରୀ ପହଂଚିବା ପରେ ସବୁ ଯୋଜନା ଫସର ଫାଟିଯାଇଥିଲା । ବନଖଣ୍ଡ ଅଧିକାରୀ ପହଂଚି ବାରହାର ଗୋଡ ଖୋଲି ଦେବା ପରେ ସେ ଦୌଡିକି ଜଙ୍ଗଲ ମଧ୍ୟକୁ ଚାଲି ଯାଇଥିଲା ।

## ବାଇଦବଜା ଗ୍ରାମରେ ସ୍ଥାପନ ହେବ ର୍ବିସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି

### କଥାର ମାନ ରଖିଲେ ବିଜେପି ଯୁବନେତା



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଙ୍କ ଦେଶ ସଂଗ୍ରାମୀ ଆଦିବାସୀ ବୀର ପୁତ୍ର ର୍ବିସା ମୁଣ୍ଡାଙ୍କ ବଳିଦାନ ଦିବସ ଅଟେ । ଆଜି ର ଏହି ବଳିଦାନ ଦିନରେ ଭଗବାନ ର୍ବିସା ମୁଣ୍ଡା ମା ମାଟି ପାଇଁ ସଂଗ୍ରାମ କରି ସହିଦ୍ ହୋଇଥିଲେ। ଆଜି କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ତଥା ଜଣାଶୁଣା ଯୁବନେତା ସବୀର ଦାଶ ଙ୍କ ର ମଧ ଜନ୍ମଦିନ ଅଟେ। ୨୦୨୩ ମସିହା ଜୁନ ୯ ତାରିଖରେ ନିଜ ଜନ୍ମଦିନରେ ସବୀର ଦାଶ ଏକ ଦଳୀୟ କାର୍ଯ୍ୟକ୍ରମରେ ଢୁମୁରିଆ ଗ୍ରାମ ପଞ୍ଚାୟତ ର ହୋ ବସତି ପୂର୍ଣ୍ଣ ବାଇଦ ବଜା ଗ୍ରାମରେ ଯୋଗ ଦେଇଥିଲେ। ଜାତିରେ ବ୍ରାହ୍ମଣ ହୋଇଥିଲେ ସୁଦ୍ଧା ହୋ ଭାଷାରେ ତାଙ୍କର ଅଭିଭାଷଣ ସେ ଆରମ୍ଭ କରି ଭଗବାନ ର୍ବିସା ମୁଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ। ସେଠାରେ ଉପସ୍ଥିତ ଥିବା ଗ୍ରାମ ବାସୀଙ୍କ ସମ୍ମୁଖରେ ସେ ଜୁନ ୯ ତାରିଖ ୨୦୨୪ ରେ ଉକ୍ତ ଗ୍ରାମରେ ଭଗବାନ ର୍ବିସା ମୁଣ୍ଡାଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ। କିନ୍ତୁ ନିଜ ପିତାଙ୍କ ଦେହାନ୍ତ ଯୋଗୁଁ ଏହା ସମ୍ଭବ ହୋଇ ପାରି ନଥିଲା। ଆଜି ନିଜ ଜନ୍ମଦିନକୁ ସେ ୨୩ ନମ୍ବର ଜୋନ୍ ରେ ଜିଲ୍ଲା ପରିଷଦ ସଦସ୍ୟ ଭାବରେ ବିଜେପିର ପ୍ରାର୍ଥୀ ହୋଇଥିବା ନିଜ ଧର୍ମପତ୍ନୀ ସଙ୍ଗୀତା ରାଣୀ ପଣ୍ଡା ଏବଂ ପୁଅ, ପୁତୁରା ଙ୍କୁ ନେଇ ବାଇଦ ବଜା ଗ୍ରାମର ଆଦିବାସୀ ଜନଜାତି ସହିତ ଅତି ଧୁମ୍ ଧାମରେ ପାଳନ କରିଛନ୍ତି। ନିଜସ୍ ଅର୍ଥରେ ଆଜି ସେ ବାଇଦ ବଜା ଠାରେ ଭଗବାନ୍ ର୍ବିସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ପାଇଁ ଭୂମି ପୂଜନ କରିଛନ୍ତି। ତାଙ୍କ ଧର୍ମପତ୍ନୀ ସଙ୍ଗୀତା ରାଣୀ ପଣ୍ଡା ନଡ଼ିଆ ବାଡେଇ ଶୁଭ ପକାଇବା ସହିତ ଶ୍ରୀ ଦାଶ ସ୍ଥାନୀୟ ଗ୍ରାମବାସୀ ଙ୍କ ସହିତ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସହଯୋଗ ରାଶି ପ୍ରଦାନ କରିଛନ୍ତି। ଏକ ମାସ ମଧ୍ୟରେ ପ୍ରତିମୂର୍ତ୍ତି ଲୋକାର୍ପିତ କରିବା ଲକ୍ଷ୍ୟରେ କାମ ଆରମ୍ଭ ହୋଇଛି। ଏଥି ସହିତ ଉପସ୍ଥିତ ଗ୍ରାମବାସୀ ଏବଂ କୁନି କୁନି ଛୁଆ ମାନଙ୍କୁ ମିଷ୍ଟାଉ ବଣ୍ଟନ କରାଯାଇଛି। ନିଜ ଜନ୍ମଦିନରେ ଏକ ମହ୍ କାମ କରିଥିବା ଦମ୍ପତି ଙ୍କୁ ସ୍ଥାନୀୟ ଗ୍ରାମବାସୀ ଆଶୀର୍ବାଦ କରିବା ସହିତ ହୋ ନୃତ୍ୟରେ ନାଚ ବାଦ୍ୟ ରେ ସାମିଲ ହୋଇଛନ୍ତି ଯୁବନେତା ସବୀର ଦାଶ ଏବଂ ଧର୍ମପତ୍ନୀ ସଙ୍ଗୀତା। କାର୍ଯ୍ୟକ୍ରମରେ ପାଟଣା ମଣ୍ଡଳ ବିଜେପି ସଭାପତି ବ୍ରଜବନ୍ଧୁ ସେଠୀ, ଯୁବମୋର୍ଚ୍ଚା ସଭାପତି ନୀତେଶ ମହାନ୍ତ, ଯୁଧିଷ୍ଠିର ମହାନ୍ତ, ସୁଦର୍ଶନ ମୁଣ୍ଡା ଏବଂ ମହାନ୍ତି ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ିଆ ପାରମ୍ପରିକ ଖାଦ୍ୟ ମେଳା



ଟାଙ୍ଗୀ(ମହାଭାରତ): ଓଡିଆ ଖାଦ୍ୟ ଆହୁରି ହେ ଲୋକପ୍ରିୟ ଓଡିଆ ଖାଦ୍ୟ ପ୍ରତି ସମସ୍ତଙ୍କର ବଢିବ ମୋହ । ସେଥିପାଇଁ ରାଜ୍ୟ ସରକାର ଙ୍କ ପକ୍ଷରୁ ଆରମ୍ଭ ହୋଇଛି ଓଡିଆ ପରମ୍ପରିକ ଖାଦ୍ୟ ମେଳା । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲାପାଳ ଟାଙ୍ଗୀ ବଳରାମ ଦେବ ବିଦ୍ୟାପୀଠ ପରିସରରେ ଟାଙ୍ଗୀ ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହୋଇ ଯାଇଅଛି। ଓଡ଼ିଆ ପରମ୍ପରିକ ଖାଦ୍ୟ ମେଳା। ଏହି ଖାଦ୍ୟ ମେଳରେ ଟାଙ୍ଗୀ ବ୍ଲକର ବିଭିନ୍ନ ଅଂଚଳ ର ୧୮ ଟି ଏସଏଚଜିର ୬୦ ଜଣ ମହିଳା ପ୍ରତିଯୋଗୀ ଭାଗ ନେଇଥିଲେ।

## ଗଣିଆ ଠାରୁ ବଡମୁଳ ରାସ୍ତା ର୍ନିମାଣ ଦାବିରେ ଅର୍ନିଦ୍ଧିଷ୍ଟ କାଳ ପାଇଁ ଗଣ ଧାରଣା

### ପ୍ରଶାସନର ପ୍ରତିଶୃତି ପାଣିର ଗାର



ଗଣିଆ:(ମହାଭାରତ ): ରାସ୍ତା ସମସ୍ୟା ନେଇ ପ୍ରତିଦିନ ନାହିଁ ନଥିବା ସମସ୍ୟା ଭୋଗୁଛନ୍ତି ନୟାଗଡ ଜିଲ୍ଲା ଗଣିଆ ବ୍ଲକର ଛାମୁଣ୍ଡିଆ , ବଡଶିଲିଙ୍ଗା ଓ ରାସଙ୍ଗ ପଚଂୟତବାସୀ ।ଗଣିଆ - ବଡମୂଳ ରାସ୍ତାର ଦୁରାବସ୍ଥା ସମ୍ପର୍କରେ କେବଳ ଯାତାୟତ କରୁଥିବା ଯାତ୍ରୀମାନେ ହିଁ କହିପାରିବେ ଯାତାୟତ ସମୟରେ କେଉଁଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଏହି ରାସ୍ତା ସମସ୍ୟା ସମାଧାନ ନେଇ ଗତ ୨ବର୍ଷ ଧରି ଅଚଂଳବାସୀଙ୍କ ତରଫରୁ ବିଭିନ୍ନ ସମୟରେ ବିଭିନ୍ନ ରାଜନେତା, ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ତେବେ ସଂପୃକ୍ତ ଠିକାଦାର ନିଜର ମନ ମୁତାବକ ଇଛା ହେଲେ ରାସ୍ତାର କିଛି ଅଂଶ କାମ କରି ପକାଇ ରଖୁଛନ୍ତି । କେଉଁଠି ରାସ୍ତା ଖୋଳି ରଖାଯାଇଛି ତ ଆଉ କେଉଁଠି ଅଧାଗଢା କଂକ୍ରିଟ କରି ରଖାଯାଇଛି । ରାସ୍ତା ସମସ୍ୟା ସମାଧାନ ନେଇ ଅଚଂଳବାସୀଙ୍କ ତରଫରୁ ଗତ ଫେବୃଆରୀ ମାସ ୩ ତାରିଖରେ ଗଣିଆ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଅଚଂଳର ଶତାଧିକ ପୁରୁଷ ଓ ମହିଳା ଧାରଣାରେ ସାମିଲ ହୋଇଥିଲେ । ତେବେ ପରଦିନ ଫେବୃଆରୀ ୪ ତାରିଖରେ ଧାରଣାସ୍ଥଳରେ ନୟାଗଡ ଉପଜିଲ୍ଲାପାଳ, ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ଗଣିଆ ତହସିଲଦାର ପହଚିଂ ଏପ୍ରିଲ ମାସ ୩୦ ତାରିଖ ସୁଦ୍ଧା ସମସ୍ତ ଦାବୀ ପୂରଣ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ପରିତାପର ବିଷୟ ପ୍ରଶାସନ ତରଫରୁ ଦିଆଯାଇଥିବା ପ୍ରତିଶୃତିର ଅବଧି ପରେ ୪ମାସ ବିତିଯାଇଥିବା ବେଳେ ରାସ୍ତା କାର୍ଯ୍ୟ ପୂର୍ବପରି ଅଧାପନ୍ତରିଆ ପଡିରହିଛି । ତେବେ ଏଥିପ୍ରତି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀମାନେ ସତେ ଯେମିତି ଅସହାୟ ହୋଇପଡିଥିବା ଅଚଂଳବାସୀ ଅନୁଭବ କରୁଥିବା କୁହନ୍ତି ଛାମୁଣ୍ଡିଆ ପଚଂୟତର ବୟୋଜ୍ୟେଷ୍ଠ ନାଗରିକ କୃପାସିନ୍ଧୁ ନାୟକ । ଛାମୁଣ୍ଡିଆ ବିକାଶ ମଞ୍ଚର ସଭାପତି ଜୟଦେବ ସାହୁ କୁହନ୍ତି , କାହା ପ୍ରଭାବରେ ଗଣିଆ - ଛାମୁଣ୍ଡିଆ ରାସ୍ତା କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଅଛି ସରକାର ଏଥିପ୍ରତି ଦୃଷ୍ଟିଦେଇ ଭିଜିଲାନ୍ସ ତଦନ୍ତ କରିବା ଆବଶ୍ୟକ । ଏହି ରାସ୍ତାର ବୃତଙ୍ଗ ସେତୁ ନିକଟରେ ଅଧପନ୍ତରିଆ କଂକ୍ରିଟ ସାଙ୍ଗକୁ ସଂପୃକ୍ତ ଠିକାଦାର ରାସ୍ତାର ଉଭୟ ପାର୍ଶ୍ୱରେ ବିଛାଇଥିବା ପଙ୍ଗୁମାଟି ବର୍ଷା ହେଲେ ରାସ୍ତାଉପରେ ଜମା ହେବା ଫଳରେ ଯାନବାହାନ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହୋଇଥାନ୍ତି । ତେବେ ଗଣିଆ ବଡମୂଳ ରାସ୍ତା ସମସ୍ୟା ତୁରନ୍ତ ସମାଧାନ ନହେଲେ ଅଚଂଳବାସୀଙ୍କ ତରଫରୁ ପୁଣିଥରେ ବଡ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କହିଥିଲେ । ସୂଚନାଯୋଗ୍ୟ ଗତ ୭ବର୍ଷ ତଳେ ପ୍ରଥମ ପର୍ଯ୍ୟାୟରେ ଗଣିଆ ବଜାର ଠାରୁ କଳାପାଟ ଠାକୁରାଣୀ ପୀଠ ୧୦କିଲୋମିଟର ରାସ୍ତା ର୍ନିମାଣ କାର୍ଯ୍ୟ ଶେଷ ହୋଇଯାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁଁ ଏହି ରାସ୍ତାର ଅନେକସ୍ଥାନରେ ଗତ ୩ବର୍ଷ ହେବ ଖାଲଖମା ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । ତେବେ ଗଣିଆ ଡାକ ବଙ୍ଗଳାରୁ ଏକ ବିରାଟ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅର୍ନିଦ୍ଧିଷ୍ଟ କାଳ ପାଇଁ ଧାରଣା ରେ ବସିଛନ୍ତି।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ





## ଜାହାଜରେ ବିସ୍ଫୋରଣ: ୫ ଆହତ, ୪ନିଖୋଜ

କେରଳ : କେରଳ ଉପକୂଳରେ ସମୁଦ୍ର ଭିତରେ ବିସ୍ଫୋରଣ । କଣ୍ଟେନର ଭର୍ତ୍ତି ଜାହାଜରେ ବିସ୍ଫୋରଣ ହାଇଥିବା ସୂଚନା । ବିସ୍ଫୋରଣରେ ୫ ଜଣ କର୍ମଚାରୀ ଆହତ ହୋଇଥିବା ବେଳେ ୪ ଜଣ ନିଖୋଜ ରହିଛନ୍ତି । ଖବର ମୁତାବକ, ଜାହାଜଟି ସିଙ୍ଗାପୁରରୁ ୫୦ଟି କଣ୍ଟେନର ନେଇ ଯାଉଥିଲା । କେରଳ ଉପକୂଳ ସମୁଦ୍ର ଭିତରେ ବିସ୍ଫୋରଣ ହୋଇଛି । ବିସ୍ଫୋରଣ ଯୋଗୁଁ ୫ ଜଣ କର୍ମଚାରୀ ଆହତ ହୋଇଛନ୍ତି । ୪ ଜଣ ନିଖୋଜ ହୋଇଛନ୍ତି। ଏହି ଜାହାଜରେ ମୋଟ ୨୨ ଜଣ କର୍ମଚାରୀ ରହିଥିଲେ । ଜାହାଜରେ ଥିବା କଣ୍ଟେନର ମଧ୍ୟରୁ ୨୦ଟି ସମୁଦ୍ର ମଧ୍ୟକୁ ଖସିପଡିଛି । ଜାହାଜରେ ଲାଗିଥିବା ନିଆଁକୁ ଲିଭାଇବାକୁ ଚେଷ୍ଟା ଜାରି ରହିଛି ବୋଲି ଭାରତୀୟ ତଟରକ୍ଷା ବାହିନୀ ପକ୍ଷରୁ କୁହାଯାଉଛି ।

## ଜେଲରୁ ମୁକୁଳିବେ ଇମ୍ରାନ !

ପାକିସ୍ତାନ : ଜେଲରୁ ମୁକୁଳିବେ ପୂର୍ବତନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ । ବୁଧବାର ଜେଲରୁ ବାହାରିବା ନେଇ ଇମ୍ରାନଙ୍କ ଦଳ ଚଞ୍ଚଓର ବରିଷ୍ଠ ନେତା ସୂଚନା ଦେଇଛନ୍ତି । ଅଗଷ୍ଟ ୨୦୨୩ ମସିହାରୁ ପାକିସ୍ତାନର ଆଦିଆଲା ଜେଲରେ ଅଛନ୍ତି ଇମ୍ରାନ। ଆସନ୍ତା ୧୧ ତାରିଖରେ ଇସଲାମାବାଦ ହାଇକୋର୍ଟ ଇମ୍ରାନଙ୍କ ଅଲ-କାଦିର-ଟ୍ରଷ୍ଟ ଦୁର୍ନୀତି ମାମଲାର ଶୁଣାଣି କରିବେ । ଏହି ମାମଲାରେ ଇମ୍ରାନଙ୍କୁ ଜାମିନ ମିଳିବାର ସମ୍ଭାବନା ଥିବା ଚଞ୍ଚଓ ପକ୍ଷରୁ କୁହାଯାଇଛି । ୧୯୦ ମିଲିୟନ ପାଉଣ୍ଡ ଅଲ-କାଦିର-ଟ୍ରଷ୍ଟ ଦୁର୍ନୀତି ମାମଲାରେ ଇମ୍ରାନ ଓ ତାଙ୍କ ପତ୍ନୀ ବୁସରା ବିବିଙ୍କ ଦଣ୍ଡକୁ ରଦ୍ଦ କରିବାକୁ ଇସଲାମାବାଦ ହାଇକୋର୍ଟଙ୍କୁ ଅନୁରୋଧ କରାଯାଇଛି । ସୂଚନାନୁଯାୟୀ, ଜୁନ୍ ୧୧ ତାରିଖ ଦିନ ଇମ୍ରାନ ଖାନ ଏବଂ ତାଙ୍କ ପତ୍ନୀ ଉଭୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ହେବାକୁ ଯାଉଛି । କାରଣ ସେହି ଦିନ ଇମ୍ରାନ ଜେଲରୁ ମୁକୁଳିବାର ସମ୍ଭାବନା ରହିଛି । କିନ୍ତୁ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ହୋଇନାହିଁ । ଏହା ସହିତ ଇସଲାମାବାଦ ହାଇକୋର୍ଟ ଅଲ୍-କାଦିର ଟ୍ରଷ୍ଟ ମାମଲାର ଆବେଦନ ଶୁଣାଣିକୁ ଜୁନ୍ ୧୧ ପର୍ଯ୍ୟନ୍ତ ସ୍ଥଗିତ ରଖିଥିଲେ । ସେପଟେ ଗୌହର ଅଲି ଖାନ କହିଛନ୍ତି ଯେ, ପିଟିଆଇ ବିରୋଧୀ ଦଳଗୁଡିକ ସହିତ ମିଶି ଏକ ଆନ୍ଦୋଳନ କରିବ । ଯାହାର ନେତୃତ୍ୱ ଇମ୍ରାନ ଖାନ ନେବେ । ଏହା ବ୍ୟତୀତ ପିଟିଆଇ ଆଗାମୀ ବଜେଟ୍ ପାଇଁ ରଣନୀତି ପ୍ରସ୍ତୁତ କରାଯିବ । ଯାହା ଜୁନ ୯ ପ୍ରେସମିଟରେ ଆୟୋଜିତ ହେବାର ସୂଚନା ମିଳୁଛି । ଅନ୍ୟପଟେ ଗୌହର ଦାବି କରିଛନ୍ତି ଯେ, ଖମ୍ରାନଙ୍କ ଉପରେ ଚାପ ପକାଇବା ପାଇଁ ବୁଶୁରା ବିବିଙ୍କୁ ବିନା ଅଭିଯୋଗରେ ଜେଲରେ ରଖାଯାଇଛି । ସେ ପିଟିଆଇରେ ଗୁଜବ ମତଭେଦକୁ ଖାରଜ କରିଛନ୍ତି । କିଛି ଦିନ ପୂର୍ବରୁ ଜେଲରେ ତାଙ୍କୁ ଯୌନ ନିର୍ଯ୍ୟାତନା ସମ୍ପର୍କରେ ଆଲୋଚନା ହେଉଥିଲା । ପୂର୍ବ ରିପୋର୍ଟରେ ଦିଆଯାଇଥିବା ସ୍ୱାସ୍ଥ୍ୟାବସ୍ଥା ଯାହା ଇଙ୍ଗିତ କରିଛି ସେହି ଯାଞ୍ଚରେ ଅଭାବ ରହିଛି । ବର୍ତ୍ତମାନ ଯାଞ୍ଚ କରିବା ମେଡିକାଲ ରିପୋର୍ଟକୁ ପାକିସ୍ତାନୀ ଅଧିକାରୀ ଏବଂ ତଥ୍ୟ-ଯାଞ୍ଚକାରୀମାନେ ଖଣ୍ଡନ କରିଛନ୍ତି ।

## ଗୁଜୁରାଟରେ ଭୂକମ୍ପ ଅନୁଭୂତ

ଗୁଜୁରାଟ : ଗୁଜୁରାଟର ଗିର ସୋମନାଥରେ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୩.୪ । ରବିବାର ବିଳମ୍ବିତ ରାତିରେ ଭୂକମ୍ପ ଅନୁଭୂତ ହୋଇଥିବା ଜଣାପଡିଛି । ଭୂକମ୍ପର କେନ୍ଦ୍ରସ୍ଥଳ ୫ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି । ଫଳରେ ଲୋକ ଭୟରେ ଘର ବାହାରକୁ ଦୌଡିବା ଆରମ୍ଭ କରିଥିଲେ । ଶନିବାର ଦିଲ୍ଲୀ-ଏନସିଆରରେ ଅନୁଭୂତ ହୋଇଛି ଭୂକମ୍ପର ଝଟକା । ଭୂକମ୍ପର ତୀବ୍ରତା ୨.୩ । ଶନିବାର ବିଳମ୍ବିତ ରାତିରେ ଭୂକମ୍ପ ହୋଇଥିବା ସୂଚନା ମିଳିଛି । ଭୂକମ୍ପର କେନ୍ଦ୍ରସ୍ଥଳ ୫ କିଲୋମିଟର ଗଭୀରତାରେ ବୋଲି ଜଣାପଡିଛି । ବିଳମ୍ବିତ ରାତିରେ ଭୂକମ୍ପ ଅନୁଭୂତ ହୋଇଥିବା କାରଣରୁ ଲୋକ ନିଦରୁ ଉଠି ଭୟରେ ଘର ବାହାରକୁ ଦୌଡିଥିଲେ। ବାରମ୍ବାର ଭୂକମ୍ପ ଯୋଗୁଁ ବର୍ତ୍ତମାନ ଲୋକଙ୍କ ଚିନ୍ତାକୁ ବଢାଇ ଦେଇଛି ।

## ଇସ୍ରାଏଲ ଆକ୍ରମଣରେ ନିପାତ ହମାସର ଟପ୍ ନେତା ସିନୱାର

ନୂଆଦିଲ୍ଲୀ : ହମାସକୁ ବଡ଼ ଝଟକା । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଘୋଷଣା କରିଛି ଯେ ହମାସର ବଡ଼ ନେତା ମହମ୍ମଦ ସିନୱାର ଗାଜାର ଖାନ ୟୁନିସସ୍ଥିତ ଏକ ଟନେଲ୍‌ରେ ଆଇଡିଏଫ୍‌ର ଆକ୍ରମଣରେ ନିହତ ହୋଇଛି । ଆଇଡିଏଫ ଦାବି କରିଛି, ସିନୱାରଙ୍କ ଶବ ଖାନ ୟୁନିସରେ ଥିବା ୟୁରୋପୀୟ ହସ୍ପିଟାଲ ତଳେ ଏକ ଗୁପ୍ତ ଟନେଲରୁ ଉଦ୍ଧାର କରାଯାଇଛି, ଯାହା ହମାସର ନାଗରିକଙ୍କୁ ଢାଲ ଭାବେ ବ୍ୟବହାର କରୁଥିବାର ପ୍ରମାଣ ବୋଲି କୁହାଯାଇଛି। ଆଇଡିଏଫ ଏକ୍ସରେ ସିନୱାରଙ୍କ ଇସ୍ରାଏଲୀ ଓ ହମାସ ଡକ୍ୟୁମେଣ୍ଟ ସହ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ପ୍ରକାଶ କରିଛି । ୪୯ ବର୍ଷୀୟ ମୁହାମ୍ମଦ ସିନୱାର, ହମାସର ପୂର୍ବତନ ନେତା ଜାହ୍ୟା ସିନୱାରଙ୍କ ସାନ ଭାଇ ଏବଂ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ହମାସର ଆକ୍ରମଣର ମୁଖ୍ୟ ଯୋଜନାକାରୀଙ୍କ ମଧ୍ୟରେ ଥିଲେ । ୨୦୨୪ ଜୁଲାଇରେ ହମାସର ଶୀର୍ଷ ସାମରିକ କମାଣ୍ଡର ଡେଇଫଙ୍କ ମୃତ୍ୟୁ ପରେ ସିନୱାର ହମାସର ସାମରିକ ଶାଖାର ନେତୃତ୍ୱ ନେଇଥିଲେ। ଆଇଡିଏଫ୍ କହିଛି, ସିନୱାର ଅନେକ ନାଗରିକଙ୍କ ମୃତ୍ୟୁ ପାଇଁ ଦାୟୀ ଏବଂ ସେ ଶାନ୍ତି ଆଲୋଚନା ଓ ବନ୍ଦୀ ମୁକ୍ତି ପ୍ରକ୍ରିୟାକୁ ବାଧା ଦେଉଥିଲା । ଟନେଲରୁ ମିଳିଥିବା ଫୁଟେଜରେ ଅସ୍ତ୍ରଶସ୍ତ୍ର ଓ ସାମରିକ ସାମଗ୍ରୀ ଦେଖାଯାଇଛି, ଯାହା ହମାସର ଗୁପ୍ତ କାର୍ଯ୍ୟକଳାପକୁ ପ୍ରମାଣ କରୁଛି । ଆଇଡିଏଫ୍ କହିଛି ଖାଲି ସିନୱାରୀ ନୁହେଁ, ଆକ୍ରମଣରେ ହମାସର ରଫା ବ୍ରିଗେଡ କମାଣ୍ଡର ମହମ୍ମଦ ଶାବାନା ଓ ଦକ୍ଷିଣ ଖାନ ୟୁନିସ ବାଟାଲିଅନର ମୁଖ୍ୟ ମଧ୍ୟ ନିହତ ହୋଇଛନ୍ତି । ଏହି ଘଟଣା ହମାସ ପାଇଁ ଏକ ବଡ଼ ଆଘାତ ହୋଇଥିବା ବେଳେ ଇସ୍ରାଏଲର ସାମରିକ ରଣନୀତିରେ ଏକ ବଡ଼ ସଫଳତା ବୋଲି ବିବେଚନା କରାଯାଉଛି । ତେବେ ହମାସ ଏ ପର୍ଯ୍ୟନ୍ତ ସିନୱାରଙ୍କ ମୃତ୍ୟୁକୁ ସରକାରୀ ଭାବେ ସ୍ୱୀକାର କରିନାହିଁ ।

# ଆଗାମୀ ଜନଗଣନା ସବୁ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ

ନୂଆଦିଲ୍ଲୀ : ପ୍ରତି ୧୦ ବର୍ଷରେ ଭାରତରେ ଜନଗଣନା କାର୍ଯ୍ୟ କରାଯାଏ। କିନ୍ତୁ ସେହି କ୍ରମରେ ୨୦୨୧ରେ ହେବାକୁଥିବା ଜନଗଣନା କୋଭିଡ୍ ନାମରେ କେନ୍ଦ୍ର ସରକାର କରାଇନଥିଲେ। ଯଦିଓ ୨୦୨୦ରେ ବିହାର ବିଧାନସଭା ନିର୍ବାଚନ ସହିତ ୨୦୨୧ରେ ପଶ୍ଚିମବଙ୍ଗ ଓ ୨୦୨୨ରେ ଉତ୍ତରପ୍ରଦେଶ ଭଳି ରାଜ୍ୟରେ ବିଧାନସଭା ନିର୍ବାଚନ କରାଯାଇଥିଲା। ସେହି ସମୟରେ ଅନ୍ୟ ରାଜ୍ୟଗୁଡ଼ିକରେ ହୋଇଥିବା ବିଧାନସଭା ନିର୍ବାଚନ ଅପେକ୍ଷା ବିହାର, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ସେହି ରାଜ୍ୟର ଲୋକସଂଖ୍ୟା ଦୃଷ୍ଟିରୁ ବିଚାର କଲେ ଜନଗଣନା କାର୍ଯ୍ୟ କରାନଯିବାର ଯଥାର୍ଥ କାରଣ ଖୋଜିବା ମୁସ୍କିଲ୍ ହେବ। ଏହି ସମୟ ଭିତରେ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓ ନିର୍ବାଚନର ଏକ ପ୍ରତିଶ୍ରୁତି ଭାବରେ ଜନଗଣନା ସହିତ ଜାତି ଜନଗଣନାକୁ କଂଗ୍ରେସ ଦଳ ଓ ଅନ୍ୟ କେତେକ ବିରୋଧୀ ଦଳ ଗୁରୁତ୍ୱ ଦେଇଥିଲେ। କେନ୍ଦ୍ର ସରକାର ପ୍ରଥମ ଅବସ୍ଥାରେ ଜାତି ଜନଗଣନା ପାଇଁ ରାଜି ହୋଇନଥିଲେ ମଧ୍ୟ ସାରା ଦେଶରେ ସାମାଜିକ ନ୍ୟାୟ ଆନ୍ଦୋଳନ କରୁଥିବା ଗୋଷ୍ଠୀଗୁଡ଼ିକ ଜାତି ଜନଗଣନା ହେଲେ ସାମାଜିକ ନ୍ୟାୟ ବ୍ୟବସ୍ଥା ଓ ବିଶେଷ ଭାବରେ ସଂରକ୍ଷଣ ରାଜନୀତିର ପ୍ରକୃତ ବାସ୍ତବତା ଉପଲବ୍ଧ ହେବ ବୋଲି ବାରମ୍ବାର ଯୁକ୍ତି କରିବାରୁ ପ୍ରଥମେ ଆ ?ଏସ୍ ?ଏସ୍ ଜାତୀୟ ସମ୍ମିଳନୀରେ ଏଥିପ୍ରତି ସମ୍ମତି ଜଣାଇବା ପରେ ପହେଲଗାମ୍ ?ରେ ଆତଙ୍କବାଦୀଙ୍କ ୨୬ ଲୋକଙ୍କୁ ମାରିବା ପରେ ଦେଶରେ ପ୍ରବଳ କ୍ରୋଧର ବାତାବରଣ ଥିବାବେଳେ କେନ୍ଦ୍ର କ୍ୟାବିନେଟ୍ ଜନଗଣନାରେ ଜାତି ଜନଗଣନା ସାମିଲ ହେବ ବୋଲି ନିଷ୍ପତି ଗ୍ରହଣ କଲେ।

ସେହି ଦୃଷ୍ଟିରୁ ଦେଖିଲେ ଜନଗଣନା ନିମନ୍ତେ କେନ୍ଦ୍ର ସରକାରଙ୍କର ଏବେ ଗ୍ରହଣ କରିଥିବା ନିଷ୍ପତି ସବୁ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଗୋଟିଏ ପକ୍ଷରେ ଏହି ଜନଗଣନା ପରେ କେନ୍ଦ୍ର ସରକାର ଲୋକସଭା ଓ ବିଧାନସଭା ଆସନଗୁଡ଼ିକର ସଂଖ୍ୟା ପରିବର୍ତ୍ତନ ପାଇଁ ଡିଲିମିଟେସନ୍ କମିଶନ୍ ଗଠନ କରିପାରିବେ। ୧୯୮୧ ଜନଗଣନା ପରେ କେନ୍ଦ୍ର ସରକାର ଡିଲିମିଟେସନ୍ କମିଶନ୍ ଗଠନ ନକରି ୨୫ ବର୍ଷ ପାଇଁ ଲୋକସଭା ଓ ବିଧାନସଭା ଆସନରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ନିଷ୍ପତି ନେଇଥିଲେ। ଏହି ୨୫ ବର୍ଷର ସମୟସୀମା ପୂରିଯିବା ସମୟରେ ୨୦୦୧ରେ ହୋଇଥିବା ଜନଗଣନା ପରେ ତତ୍କାଳୀନ ବାଜପେୟୀ ସରକାର ଆଉ ୨୫ ବର୍ଷ କାଳ ଲୋକସଭା ଓ ବିଧାନସଭାର ଆସନ ସଂଖ୍ୟା



ପରିବର୍ତ୍ତନ ହେବନାହିଁ ବୋଲି ନିଷ୍ପତି ନେଇଥିଲେ। କିନ୍ତୁ ସେତେବେଳେ ଯେଉଁ ଡିଲିମିଟେସନ୍ କମିଶନ୍ ଗଠିତ ହୋଇଥିଲା ତାହା କେବଳ ଆସନ ସଂଖ୍ୟାକୁ ସ୍ଥିର ରଖି ବିଭିନ୍ନ ଅଂଚଳ ବା ପଂଚାୟତ ସବୁ ଏପଟ ସେପଟ କରି ନିର୍ବାଚନ ମଣ୍ଡଳୀ ଗଢ଼ିବା ପାଇଁ କ୍ଷମତା ପାଇଥିଲେ। ଅର୍ଥାତ୍ ଗତ ୫୦ ବର୍ଷ ଧରି ଭାରତର ଲୋକସଭା ଓ ବିଧାନସଭାଗୁଡ଼ିକରେ ଆସନ ସଂଖ୍ୟାରେ କୌଣସି ପରିବର୍ତନ ହୋଇନାହିଁ। ସମ୍ବିଧାନର ନିୟମ ଅନୁସାରେ ପ୍ରତି ଜନଗଣନା ପରେ ଡିଲିମିଟେସନ୍ କମିଶନ୍ ଜରିଆରେ ଆସନ ସଂଖ୍ୟା ଏପଟ ସେପଟ କରିବା ପାଇଁ କ୍ଷମତା ଥିଲେ ମଧ୍ୟ ସମ୍ବିଧାନ ସଂଶୋଧନ ଜରିଆରେ ୫୦ ବର୍ଷ କାଳ ଏହି ପ୍ରକ୍ରିୟାକୁ ବନ୍ଦ କରାଯାଇଥିଲା। ତେଣୁ ଏଥର ଯେଉଁ ଜନଗଣନା ହେବ ତାହା ପରେ ପରେ ଡିଲିମିଟେସନ୍ କମିଶନ୍ ପାଇଁ ପ୍ରକ୍ରିୟା ନିଶ୍ଚିନ୍ତ ଆରମ୍ଭ ହେବ।

ଜନଗଣନା ଦେଶର ଲୋକମାନଙ୍କର ପ୍ରକୃତ ସ୍ଥିତି, ଅବସ୍ଥା, ଆର୍ଥିକ ଦିଗ, ପୁରୁଷ, ନାରୀ, ତୃତୀୟ ଲିଙ୍ଗ, ଭିନ୍ନକ୍ଷମ, ବିଭିନ୍ନ ଜାତିର ଦଳିତ ଓ ବିଭିନ୍ନ ଆଦିବାସୀ ସଂପ୍ରଦାୟ ସହିତ ଦେଶରେ ଥିବା ସବୁ ଧର୍ମଗୁଡ଼ିକର ସଂଖ୍ୟା ଓ ଅବସ୍ଥା ସମ୍ପର୍କରେ ଜନଗଣନାରେ ସ୍ପଷ୍ଟ ଚିତ୍ର ଆସିବାକୁ ଥିବାରୁ ଦେଶ ସମ୍ପର୍କରେ ପ୍ରକୃତ ତଥ୍ୟ ଜାଣିବା ପାଇଁ ଜନଗଣନାକୁ ସବୁଠାରୁ ଭଲ ଭରସାପୂର୍ଣ୍ଣ ତଥ୍ୟ ଭାବରେ ବିଚାର କରାଯାଏ। ଏଥର ଏହି ଜନଗଣନା ପରେ ପରେ ଲୋକସଭା ଓ ବିଧାନସଭାଗୁଡ଼ିକର ଆସନ ସଂଖ୍ୟା ପରିବର୍ତନ ପାଇଁ ସମ୍ବିଧାନର ନିର୍ଦ୍ଦେଶ ଅନୁସାରେ ପଦକ୍ଷେପ ନିଆଯିବା କ୍ଷଣି ଦେଶ ରାଜନୀତିରେ ଏକ ବଡ଼ ଧରଣର ପରିବର୍ତନ ହେବ। ଦିଲ୍ଲୀରେ କ୍ଷମତାରେ ଥିବା ବିଜେପି ଏହି ଡିଲିମିଟେସନ୍ ଫଳରେ ଅଧିକ ଜନସଂଖ୍ୟା ହାର ବଢ଼ିଥିବା ଉତ୍ତର ଭାରତ ରାଜ୍ୟଗୁଡ଼ିକରେ ଆସନ ସଂଖ୍ୟା ବହୁତ ବଢ଼ିବ ବୋଲି ବିଚାର କରିବା ସ୍ୱାଭାବିକ। ବାସ୍ତବିକ ଏହିସବୁ ରାଜ୍ୟରେ ଆସନ ସଂଖ୍ୟା ବଢ଼ିଲେ ବିଜେପି ପାଇଁ ଜାତୀୟ ସ୍ତରରେ ସଂଖ୍ୟାଗରିଷ୍ଠତା ହାସଲ କରିବା ସହଜ ହେବ ବୋଲି ବିଶ୍ୱାସ କରାଯାଉଛି।

ଅପରପକ୍ଷରେ ଯେଉଁ ରାଜ୍ୟଗୁଡ଼ିକରେ ଜନସଂଖ୍ୟା ନିୟନ୍ତ୍ରିତ ଅବସ୍ଥାରେ ଅଛି ଓ ଲୋକସଂଖ୍ୟା ବାସ୍ତବରେ କମିଯାଇଛି ସେହିସବୁ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଆସନ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବେ। ଜାତୀୟ ରାଜନୀତିରେ ଏହିସବୁ ରାଜ୍ୟଗୁଡ଼ିକର ପ୍ରଭାବ କମିଯିବ। ତେଣୁ ଏହିସବୁ ରାଜ୍ୟଗୁଡ଼ିକ ଜନସଂଖ୍ୟା ଆଧାରିତ ବ୍ୟବସ୍ଥା ଉପରେ ଲୋକସଭା ଆସନ ସଂଖ୍ୟା ସ୍ଥିରୀକୃତ ନହେବା ପାଇଁ ଦାବି କରିଛନ୍ତି। ସେମାନଙ୍କର ଦାବି ହେଲା ଯେ, କେନ୍ଦ୍ର ସରକାର ଜନସଂଖ୍ୟା ନିୟନ୍ତ୍ରଣକୁ ଏକ ଜାତୀୟ ଲକ୍ଷଣ ଭାବରେ ନେଇ ଯେଉଁ ଅଭିଯାନ ଚଳାଇଲେ ସେଥିରେ ପ୍ରଭାବିତ ହୋଇ ଯେଉଁ ରାଜ୍ୟଗୁଡ଼ିକ ଜନସଂଖ୍ୟା କମାଇଦେଲେ ଓ ପ୍ରତିବଦଳରେ ରାଜ୍ୟର ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିଲେ ସେମାନେ ନିଜର ଦକ୍ଷତା ପାଇଁ ରାଜନୈତିକ ଦୃଷ୍ଟିରୁ ଦଣ୍ଡିତ ହେବେ କାହିଁକି ? ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ତାମିଲନାଡୁ ନେତୃତ୍ୱରେ ଏ ସଂକ୍ରାନ୍ତରେ ଆଲୋଚନା ଆରମ୍ଭ କରି ଦେଶର ଅନେକ ଦଳକୁ ଏକଜୁଟ କରିଛନ୍ତି। କାରଣ କେବଳ ଲୋକସଂଖ୍ୟା ଆଧାରରେ ଲୋକସଭାର ଆସନ ସଂଖ୍ୟା ସ୍ଥିରୀକୃତ ହେଲେ ଜାତୀୟ ଲକ୍ଷ୍ୟ ହାସଲ କରି ଜନସଂଖ୍ୟା କମାଇ ଆର୍ଥିକ ଅଭିବୃଦ୍ଧି ହାସଲ କରିଥିବା ରାଜ୍ୟଗୁଡ଼ିକ କେନ୍ଦ୍ର ସରକାର ଗଠନରେ ନ୍ୟୁନ ଭୂମିକା ଗ୍ରହଣ କରିବେ। କାରଣ ପାର୍ଲାମେଂଟରେ ସେମାନଙ୍କ ସଂଖ୍ୟା ଅପେକ୍ଷାକୃତ ଭାବରେ ଅଧିକ ଜନସଂଖ୍ୟା ବୃଦ୍ଧି କରିଥିବା ରାଜ୍ୟଗୁଡ଼ିକ ତୁଳନାରେ ଯଥେଷ୍ଟ ନ୍ୟୁନ ହେବ। ସେହିପରି ସେମାନଙ୍କ ଜନସଂଖ୍ୟା ବୃଦ୍ଧି ଯୋଗୁ କେନ୍ଦ୍ରୀୟ ସମ୍ବଳ କ୍ଷେତ୍ରରେ ଅପେକ୍ଷାକୃତ ସମୃଦ୍ଧ ରାଜ୍ୟଗୁଡ଼ିକ ଅଧିକ ଅଂଶ ଦେଉଥିଲେ ମଧ୍ୟ କେନ୍ଦ୍ରରୁ ସମ୍ବଳ ପାଇବାରେ କମ୍ ହାସଲ କରୁଛନ୍ତି। କାରଣ ଅର୍ଥ କମିଶନ୍ ଏହି ସମ୍ବଳ ବଂଟନରେ ଜନସଂଖ୍ୟା ଆଧାରକୁ ଏକ ମୁଖ୍ୟ ଭୂମିକା ଭାବରେ ରଖି ବଂଟନ ନୀତି ସ୍ଥିର କରୁଛି। ତେଣୁ ଜନଗଣନା ପରେ ଏ ସଂକ୍ରାନ୍ତୀୟ ବିବାଦଗୁଡ଼ିକ ଆହୁରି ତୀବ୍ର ହେବ। ସେହି କାରଣରୁ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ମଧ୍ୟ କହିଲେଣି ଯେ, ଜନସଂଖ୍ୟା କମାଇଥିବା ରାଜ୍ୟଗୁଡ଼ିକ ଜନସଂଖ୍ୟା ବୃଦ୍ଧି ପାଇଁ ଏବେ ଉଦ୍ୟମ ଆରମ୍ଭ କରିବା ଉଚିତ୍।

ଜନଗଣନା ଏଥର ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେଉଛି ଓ ଯାହାର ସମସ୍ତ ମୁଣ୍ଡଗଣନା ୨୦୨୭ ଫେବୃଆରୀରେ ଶେଷ ହୋଇ ମାର୍ଚ୍ଚ ୧, ୨୦୩୬ରେ ରେକର୍ଡଭୁକ୍ତ ହେବ। କିନ୍ତୁ ଜନଗଣନାର ବାସ୍ତବ ପବ୍ଲିକେସନ୍ ଆହୁରି ଅତିକମ୍ ?ରେ ୧ ବର୍ଷରୁ ଉର୍ଦ୍ଧ୍ୱ ଲାଗିବ। ତା'ପରେ ହିଁ ଡିଲିମିଟେସନ୍ ପାଇଁ କମିଶନ୍ ଗଠିତ ହୋଇପାରିବ। କିନ୍ତୁ ଏହି ଜନଗଣନାରେ ସ୍ୱାଧୀନ ଭାରତରେ ପ୍ରଥମ ଥର ପାଇଁ ଜାତି ଜନଗଣନା କରାଯାଉଛି। କେନ୍ଦ୍ର ସରକାର ପ୍ରଥମ ଅବସ୍ଥାରେ ଏଥିପାଇଁ ରାଜି ନଥିଲେ ମଧ୍ୟ ସାରାଦେଶରେ ସାମାଜିକ ନ୍ୟାୟ ଆନ୍ଦୋଳନକାରୀ ଓ ବିରୋଧୀ ଦଳମାନଙ୍କର ଆଭିମୁଖ୍ୟକୁ ଦେଖି ଜାତି ଜନଗଣନା କରାଯାଉଛି। କିନ୍ତୁ ଏହି ଜାତି ଜନଗଣନାର ଫର୍ମାଟ୍ କିପରି ହେବ ତାହା ନେଇ କିଛି ଦ୍ୱନ୍ଦ ଦେଖା ଦେଇଛି। ଜନଗଣନାରେ ଦଳିତ ଓ ଆଦିବାସୀମାନଙ୍କର ପ୍ରତିଥର ହିସାବ କରାଯାଏ। ତେଣୁ ସେମାନଙ୍କ ଜନଗଣନା ପାଇଁ ରୀତିମତ ବ୍ୟବସ୍ଥା ରହିଛି। ଯେଉଁଥିରେ ଦଳିତ ଜାତିମାନଙ୍କର ସଂଖ୍ୟା ସହିତ ସେମାନଙ୍କର ଲୋକସଂଖ୍ୟା ଜଣାପଡ଼ିଥାଏ। ସେହିପରି ବିଭିନ୍ନ ସଂପ୍ରଦାୟର ଆସିବାସୀମାନଙ୍କର ତାଲିକା ସହିତ ସେମାନଙ୍କର ଲୋକସଂଖ୍ୟା ସ୍ଥିର ହୁଏ। ଏହି ଜାତିମାନଙ୍କର ଶିକ୍ଷା, ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଓ ସେମାନଙ୍କର ଜମିଜମାର ତଥ୍ୟଗୁଡ଼ିକ ସହିତ ସେମାନଙ୍କ ବାସଗୃହଗୁଡ଼ିକର ଅବସ୍ଥା ଏହି ତଥ୍ୟରେ ପ୍ରତିଫଳିତ ହୁଏ।

ଜାତି ଜନଗଣନାରେ ଅନ୍ୟ ଜାତିମାନଙ୍କର ମଧ୍ୟ ସେହିପରି ଗଣନା କରାଯିବା କଥା।। କିନ୍ତୁ ଯେଉଁମାନେ ମଣ୍ଡଳ କମିଶନ୍ ସୁପାରିଶ ଭିତ୍ତିରେ ବା ନିଜ ନିଜ ରାଜ୍ୟ କମିଶନ୍ ଜରିଆରେ ପଛୁଆ ବର୍ଗ ବୋଲି ସୂଚିତ ହୋଇଛନ୍ତି ସେମାନଙ୍କର ମୋଟ୍ ସଂଖ୍ୟା ମଧ୍ୟ ଏହି ଜନଗଣନାରେ ଆସିବା ନିହାତି ଦରକାର। କାରଣ ୧୯୩୧ ଜନଗଣନା ଭିତ୍ତିରେ ମଣ୍ଡଳ କମିଶନ୍ ଏହି ଜାତିର ଲୋକସଂଖ୍ୟା ଦେଶର ମୋଟ୍ ଲୋକସଂଖ୍ୟାର ୫୨ ଭାଗ ବୋଲି ଦର୍ଶାଇଥିଲେ। କିନ୍ତୁ ପ୍ରତ୍ୟେକ ରାଜ୍ୟରେ ସେମାନଙ୍କର ସଂଖ୍ୟା ସ୍ଥିରୀକୃତ ହେଲେ ହିଁ ସେମାନଙ୍କ ସଂଖ୍ୟା ଆଧାର ଉପରେ ସଂରକ୍ଷଣ ଓ ଅନ୍ୟ ବ୍ୟବସ୍ଥା ପାଇଁ ଯୁକ୍ତି ଉପସ୍ଥାପିତ ହୋଇପାରିବ। ଓଡ଼ିଶା ପରି ରାଜ୍ୟ ପାଇଁ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ। କାରଣ ଏହି ରାଜ୍ୟରେ ପଛୁଆ ବର୍ଗର ସଂଖ୍ୟା ଶତକଡ଼ା ୫୨ କୁହାଯାଉଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟର ନିଷ୍ପତି ଅନୁସାରେ ରାଜ୍ୟରେ ଦଳିତ ଓ ଆଦିବାସୀମାନଙ୍କ ପାଇଁ ସେମାନଙ୍କ ଲୋକସଂଖ୍ୟା ଆଧାରରେ ଶତକଡ଼ା ୩୮.୫ ଭାଗ ସଂରକ୍ଷଣ ବ୍ୟବସ୍ଥା ଦେବା ପରେ ଏହି ପଛୁଆବର୍ଗ ପାଇଁ ମାତ୍ର ୧୧.୨୫ ଭାଗ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି। ନିଶ୍ଚିତ ଭାବରେ ଏହି ସଂରକ୍ଷଣ ବ୍ୟବସ୍ଥା ଅନ୍ୟାୟ। ତେଣୁ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପରେ ପରେ ଏହି ଗୋଷ୍ଠି ରାଜ୍ୟରେ ସେମାନଙ୍କ ଲୋକସଂଖ୍ୟା ଆଧାରରେ ସଂରକ୍ଷଣ ଦେବା ପାଇଁ ଓ ସୁପ୍ରିମ୍‌କୋର୍ଟର ୫୦ ଭାଗ ସଂରକ୍ଷଣ ସୀମା ଅତିକ୍ରମ କରିବା ପାଇଁ ଦାବି କରିବେ।

କିନ୍ତୁ କେନ୍ଦ୍ର ସରକାର ସମ୍ବିଧାନ ସଂଶୋଧନ କରି କୌଣସି ସଂରକ୍ଷଣ ପାଉନଥିବା ଗୋଷ୍ଠୀମାନଙ୍କ ପାଇଁ କେବଳ ଆର୍ଥିକ ବିଚାରରେ ଶତକଡ଼ା ୧୦ ଭାଗ ସ୍ଥାନ ସଂରକ୍ଷଣ କରିଛନ୍ତି। ଯାହାକି ୫୦ ଭାଗ ସଂରକ୍ଷଣର ବାହାରେ। ଓଡ଼ିଶାରେ ଏହି ବର୍ଗର ସଂଖ୍ୟା ମାତ୍ର ଶତକଡ଼ା ୬-୭ ଭାଗ ହୋଇଥିବା ସମୟରେ ସେମାନଙ୍କ ପାଇଁ ଆର୍ଥିକ ବିଚାରରେ ୧୦ ଭାଗ ସ୍ଥାନ ସଂରକ୍ଷଣ ଯୁକ୍ତିକୁ ପଛୁଆ ବର୍ଗର ଲୋକମାନେ ଆଦୌ ଗ୍ରହଣ କରୁନାହାନ୍ତି। କେବଳ ଓଡ଼ିଶା କଥା ନୁହେଁ ଜାତି ଜନଗଣନା ରିପୋର୍ଟ ପ୍ରକାଶ ପରେ ପରେ ସାରା ଦେଶରେ ସାମାଜିକ ନ୍ୟାୟ ବା ସାମାଜିକ ଗଣତନ୍ତ୍ର ପାଇଁ ଏହି ପଛୁଆ ବର୍ଗରେ ଥିବା ସବୁ ଶ୍ରେଣୀର ଲୋକଙ୍କୁ ଚାକିରୀ, ଶିକ୍ଷା ପ୍ରଭୃତି କ୍ଷେତ୍ରରେ ଲୋକସଂଖ୍ୟା ଅନୁପାତରେ ସୁବିଧା ଦେବା ପାଇଁ ଆନ୍ଦୋଳନ ହେବ। ବାସ୍ତବିକ ମଣ୍ଡଳ କମିଶନ୍ ରିପୋର୍ଟ ଲାଗୁ ପରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ଜାତିଗତ ଜନଗଣନା ସଂଖ୍ୟା ପାଇଯିବା ପରେ ଅତ୍ୟନ୍ତ ଭୟଙ୍କର ଭାବରେ ସାରାଦେଶରେ ବ୍ୟାପିବାର ସମ୍ଭାବନା ରହିଛି। ସରକାର ଓ ବିରୋଧୀ ରାଜନୈତିକ ଦଳମାନେ ଏହା ଉପରେ କିପରି ସହମତି ହାସଲ କରୁଛନ୍ତି ଓ ନ୍ୟାୟର କି ଆଭିମୁଖ୍ୟ ନେବ ତାହା ଜାତି ଜନଗଣନା ରିପୋର୍ଟ ପ୍ରକାଶ ପରେ ପରେ ଅଧିକ ସ୍ପଷ୍ଟ ହୋଇଯିବ।

## ଭାରତ କିଣିବ ୧୦ହଜାର କୋଟି ଟଙ୍କାର ସ୍ପାଏ ବିମାନ

ନୂଆଦିଲ୍ଲୀ : ଅପରେସନ ସିନ୍ଦୁର ମଧ୍ୟରେ ଭାରତ ସରକାର ଏକ ବଡ ନିଷ୍ପତ୍ତି ନେଇଛନ୍ତି । ପ୍ରତିରକ୍ଷା ମନ୍ତ୍ରାଳୟ ୧୦ହଜାର କୋଟି ଟଙ୍କାରେ ୩ଟି ଗୁପ୍ତଚର ବିମାନ କିଣିବା ପାଇଁ ପ୍ରସ୍ତାବ ଆସିବାକୁ ଯାଉଛି । ଯାହା ଭାରତୀୟ ବାୟୁସେନା ରାଡାର ଷ୍ଟେସନ, ବାୟୁ ପ୍ରତିରକ୍ଷା ୟୁନିଟ୍ ଏବଂ ଅନ୍ୟାନ୍ୟ ମୋବାଇଲ୍ ଟାର୍ଗେଟ ଭଳି ଶତ୍ରୁ ବିରୋଧରେ ସଠିକ୍ ଆକ୍ରମଣ କରିବ। ଯାହା ଆକାଶରୁ ଭୂମି ପର୍ଯ୍ୟନ୍ତ ଏକ ସ୍ପଷ୍ଟ ଦୃଶ୍ୟ ଦେଖିବାକୁ ମିଳିବ । ଏକ ରିପୋର୍ଟ ଅନୁଯାୟୀ, ଏହି ବିମାନ ପ୍ରକଳ୍ପ ଜୁନ୍ ମାସ ଶେଷ ସପ୍ତାହରେ ଅନୁଷ୍ଠିତ ହେବାକୁ ଯାଉଛି ବୋଲି ଶୁଣିବାକୁ ମିଳୁଛି । ଏହି ବିମାନରେ ଆକାଶରୁ ଥାଇ ଭୂମି ପର୍ଯ୍ୟନ୍ତ ନଜର ରଖିବାରେ ସହାୟକ ହେବ । ଯାହା ଆକ୍ରମଣ ପାଇଁ ସହଜ ଏବଂ ସୁବିଧା କରିଦେବ । ଏହି ବିମାନ ପ୍ରକଳ୍ପରେ ଊଜଊଙ ଦ୍ୱାରା ବିକଶିତ କରାଯିବ । ଯାହା ବିଦେଶୀ ମ୍ୟାନୁଫିଚର୍ସଙ୍କ ଏବଂ ଟେଣ୍ଡରଙ୍କ ମାଧ୍ୟମରେ ବିମାନ କିଣାଯିବ । ବିମାନରେ ଥିବା ଅନୱାର୍ଡ



ସିଷ୍ଟମଗୁଡିକ ଦେଶୀ ଭାବେ ରହିବ । ଏହି ସିଷ୍ଟମ ହେବା ପୂର୍ବରୁ ଏହାର ପରୀକ୍ଷା କରାଯାଇଛି ବୋଲି ଅଧିକାରୀମାନେ କହିଛିନ୍ତି । ଅନ୍ୟପଟେ ଏହି ସିଷ୍ଟମରେ ଗତିଶୀଳ ଏବଂ ଟାର୍ଗେଟିଂ କ୍ଷମତା ରହିବ । ଯାହା ଭାରତୀୟ ବାୟୁସେନାକୁ ଆଗକୁ ବଢାଇବା ଏବଂ ଅପଗ୍ରେଡ୍ କରିବା ପାଇଁ ନିରନ୍ତର କାର୍ଯ୍ୟ କରାଯାଉଛି। ବାୟୁସେନାର ଶକ୍ତି ବୃଦ୍ଧି ସହିତ ଏହାର ଅଦୃଶ୍ୟ ଶକ୍ତି ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଯାହା ଦେଶର ସୁରକ୍ଷା କରିବାରେ ବଡ ଭୂମିକା ଗ୍ରହଣ କରେ । ସେଥିପାଇଁ ଊଜଊଙର ସେଣ୍ଟର ଫର ଏୟାରବର୍ନ ସିଷ୍ଟମଗୁଡ଼ିକ ସଫଳତାର ସହ ସେଗୁଡ଼ିକୁ ବିକଶିତ କରିସାରିଛି । ଏହା ସମେତ ଏଥିରେ ମଲ୍ଟି ସ୍କେକାଲ ସର୍ଭିଲାନ୍ସ କ୍ଷମତା ରହିଛି ଯାହା ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖିବ । ଏହି ସିଷ୍ଟମର ବିକାଶରେ ମଧ୍ୟ ଭାରତ ସହିତ ଆମେରିକା, ୟୁକେ, ଇସ୍ରାଏଲ ଏବଂ ଅନ୍ୟ କିଛି ଦେଶ ସମେତ ଏପରି କ୍ଷମତା ଥିବା କିଛି ବଛା ହୋଇଥିବା ଦେଶ କ୍ଲବରେ ସାମିଲ କରିବ। ଦେଶ ପାଇଁ ଶକ୍ତିଶାଳୀ ବିମାନ ରୂପେ ପରିଚିତ ହେବ ।

## ମହାକାଶରେ ଉଡ଼ିବ ତ୍ରିରଙ୍ଗା

ନୂଆଦିଲ୍ଲୀ : ମହାକାଶରେ ଉଡ଼ିବ ତ୍ରିରଙ୍ଗା । ଶୁଭାଂଶୁ ଶୁକ୍ଲାଙ୍କ ଅନ୍ତରୀକ୍ଷ ମିଶନ । ଆସନ୍ତାକାଲି ଆମେରିକାର ଫ୍ଲୋରିଡ଼ାସ୍ଥିତ କେନେଡି ସ୍ପେଶ୍ ସେଣ୍ଟରରୁ ଡ୍ରାଗନ ମହାକାଶ ଯାନରେ ଲଞ୍ଚ କରାଯିବ ବହୁ ପ୍ରତୀକ୍ଷିତ ଆକ୍ସିଓମ୍-୪ ମିଶନ । ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୨ ମିନିଟରେ ଉତକ୍ଷେପଣ କରାଯିବ । ପ୍ରଥମ ଭାରତୀୟ ମହାକାଶଚାରୀ ଭାବେ ଓଝଝକୁ ଯାଇ ଇତିହାସ ରଚିବେ ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲା । ଏହି ମିଶନରେ ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ପେଗୀ ହ୍ୱିଟସନ୍, ପୋଲାଣ୍ଡର ସ୍ଲାଓଜ୍ ଉଜନାଲସ୍କୀ ଏବଂ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ କ୍ରିଉ ସଦସ୍ୟ ଭାବେ



ରହିଛନ୍ତି । ୧୪ ଦିନିଆ ମିଶନ ସମୟରେ ମହାକାଶଚାରୀ ଓଝଝରେ ୧୪ ଦିନ ପର୍ଯ୍ୟନ୍ତ ରହି ପ୍ରାୟ ୬୦ଟି ବୈଜ୍ଞାନିକ ପରୀକ୍ଷଣ କରିବେ । ବିଶ୍ୱବ୍ୟାପୀ ଜନସମ୍ପର୍କ କାର୍ଯ୍ୟକ୍ରମ, ମାଇକ୍ରୋଗ୍ରାଭିଟି ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ କରିବେ । ୧୯୮୫ ଅକ୍ଟୋବର ୧୦ରେ ଉତ୍ତରପ୍ରଦେଶର ଲକ୍ଷ୍ନୌରେ ଜନ୍ମଗ୍ରହଣ କରିଥିଲେ ଶୁଭାଂଶୁ ।

# ନିୟନ୍ତ୍ରଣ ହରାଇ ଓଲଟିଲା ବସ୍, ୧୫ ପିଲା ମୃତ

ମାଲେସିଆ: ମାଲେସିଆର ପେରାକରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ପିଲାମାନଙ୍କୁ ନେଇ କ୍ୟାମ୍ପସକୁ ଫେରୁଥିବା ବେଳେ ୟୁନିଭରସିଟିର ବସ୍ ଏବଂ କାର୍ ଧକ୍କା ହୋଇଛି । ଏଥିରେ ୧୫ ଜଣଙ୍କର ମୃତ୍ୟୁ ହୋଇଛି। ଏଥିରେ ଅନେକ ଆହତ ହୋଇଛନ୍ତି । ସେମାନଙ୍କୁ ଡାକ୍ତଖାନାରେ ଭର୍ତ୍ତି କରାଯାଇଛି । ଖବର ମୁତାବକ, ପେରାକ ଇଷ୍ଟ ୱେଷ୍ଟ ହାଇୱେରେ ୟୁନିଭରସିଟି ବସ୍




ଧକ୍କା ହୋଇଥିଲା । ବସରେ ବିଶ୍ୱବିଦ୍ୟାଳୟର କିଛି ଛାତ୍ର ରହିଥିଲେ । ବସଟି ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା । ଦୁର୍ଘଟଣା ପରେ ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ତେବେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି ଯେ, ବସ୍ ନିୟନ୍ତ୍ରଣ ହରାଇ ଦୁର୍ଘଟଣା ହୋଇଛି ବୋଲି ଅନୁମାନ କରାଯାଉଛି । ବସ୍ ଟି ତେରେଙ୍ଗାନୁ ରାଜ୍ୟର ଜେର୍ତେହରୁ ଆସୁଥିଲା ଏବଂ ପେରାକର ତାନଜୁଙ୍ଗ ମାଲିମରେ ଥିବା ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସ ଅଭିମୁଖେ ଯାଉଥିଲା । ଉଚ୍ଚଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଉଛି କି, ଗେରିକର ବାନୁନର ଦୁର୍ଘଟଣାରେ ସୁଲତାନ ଇଦ୍ରିସ୍ ଶିକ୍ଷା ବିଶ୍ୱବିଦ୍ୟାଳୟ (ଟଚଝଓ)ର ୧୫ ପିଲାଙ୍କ ମୃତ୍ୟୁ ହୋଇଛି । ଘଟଣାରେ ଅନେକ ଛାତ୍ର ଆହତ ମଧ୍ୟ ହୋଇଛନ୍ତି । ବସଟି ୧.୧୦ ସମୟରେ ଦୁର୍ଘଟଣା ସମ୍ପର୍କରେ ଏକ ଫୋନ୍ ଆସିଥିଲା । ବସରେ ୪୮ ଜଣ ଥିବା ନେଇ ଜଣାପଡିଛି । ପେରାକ ପୋଲିସ ମୁଖ୍ୟ ନୁର ହିସାମ୍ ନୋର୍ଦ୍ଦିନ୍ କହିଛନ୍ତି ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡୁଛି ଯେ, ବସ୍ ନିୟନ୍ତ୍ରଣ ହରାଇଥିଲା।

## ୨୦ ଯାତ୍ରୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ

ୱାଶିଂଟନ : ଆମେରିକାର ଟେନେସି ଅଞ୍ଚଳରେ ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ୨୦



ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏହି ବିମାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଦୁର୍ଘଟଣା ହୋଇଥିବା ସୂଚନା ମିଳିଛି। ତେବେ ଏହି ଦୁର୍ଘଟଣାରେ ଏକାଧିକ ଯାତ୍ରୀ ଗୁରୁତର ହୋଇଥିବାବେଳେ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ସୂଚନାରୁ ପ୍ରକାଶ। ଫେଡେରାଲ୍ ? ଏଭିଏସନ୍ ? ଆଡ୍ ?ମିନିଷ୍ଟ୍ରେଶନ (ଋଇଇ)ର ସୂଚନା ଅନୁଯାୟୀ, ରବିବାର ଅପରାହ୍ନରେ ଟେନେସି ବିମାନବନ୍ଦର ନିକଟରେ ନିର୍ମାଣ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ନାଶଭିଲ୍ ?ଠାରୁ ପ୍ରାୟ ୭୭ କିଲୋମିଟର ଦକ୍ଷିଣ ପୂର୍ବ ଟେନେସିର ତୁଲାହୋମାରେ ଦୁର୍ଘଟଣା ଘଟିଥିଲା।

# ଟପ୍ ୧୦ରେ ୪ ଭାରତୀୟ ଚେସ୍ ଗ୍ରାଣ୍ଡମାଷ୍ଟର



ନୂଆଦିଲ୍ଲୀ,୯।୬(ଏଜେନସି): ଭାରତୀୟ ସତରଞ୍ଜ ଖେଳରେ ନୂଆ ଯୁଗ ଆରମ୍ଭ ହୋଇଛି। ଇତିହାସରେ ପ୍ରଥମ ଥର ପାଇଁ ୪ ଶ୍ରେଷ୍ଠ ଚେସ୍ ଗ୍ରାଣ୍ଡମାଷ୍ଟର ଟପ୍ ୧୦ ରାଙ୍କରେ ସ୍ଥାନ ପାଇଛି। ଡି.ଗୁକେଶ କୁମାର, ଅର୍ଜୁନ ଏରିଗାଇସି ଏବଂ ଆର ପ୍ରଜ୍ଞାନାନନ୍ଦନ ରହିଛନ୍ତି। ଅରବିନ୍ଦ ଚିଦାମ୍ବରମ ୨୭୫୭.୮ ପଏଣ୍ଟ ସହ ନବମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

ଶୁକ୍ରବାର ଆର୍ମେନିଆର ଜେରମୁକରେ ଷଷ୍ଠ ଷ୍ଟେପାନ ଅଭଗ୍ୟାନ ମେମୋରିଆଲରେ ଅରବିନ୍ଦଙ୍କ ବିଜୟ ପରେ ଏହି ମାଇଲଖୁଣ୍ଟ ସ୍ଥାପନ ହୋଇଛି। ଅରବିନ୍ଦ ତାଙ୍କ ବନ୍ଧୁ ଆରବି ରମେଶ ଏବଂ ସାଥୀ ପ୍ରଜ୍ଞାନାନନ୍ଦାଙ୍କ ସହ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ରମେଶ ଓ ପ୍ରଜ୍ଞାନାନନ୍ଦାନ ଦୁହେଁ ନବମ ରାଉଣ୍ଡରେ ୬.୫ ପଏଣ୍ଟ ହାସଲ କରିଥିଲେ। କିନ୍ତୁ ଅରବିନ୍ଦ ଅଧିକ ସୋନେବର୍ଣ୍ଣ-ବର୍ଗର ସ୍କୋର ପାଇଁ ଟାଇଟଲ ଜିତିଥିଲେ। ଯାହାକୁ ଟପ୍ ପ୍ରତିଦ୍ୱନ୍ଦୀଙ୍କ ବିପକ୍ଷରେ ବଡ଼ ବିଜୟ ବୋଲି ବିବେଚନା କରାଯାଉଛି । ବର୍ତ୍ତମାନ ଅର୍ଜୁନ ଏରିଗାଇସି ୨୭୭୮.୬ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି ଯାହା ଡି.ଗୁକେଶଙ୍କ ନିକଟ (୨୭୭୬.୬) ନିକଟ ଡି.ଗୁକେଶ ପଞ୍ଚମ ସ୍ଥାନରେ ଅଛନ୍ତି। ପ୍ରଜ୍ଞାନାନନ୍ଦ ଏବେ ୨୭୭୪.୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛନ୍ତି ୮୩.୫୯ ପଏଣ୍ଟ ସହ ଫିଡେ ସର୍କିଟର ନେତୃତ୍ୱ ନେଉଛନ୍ତି ପ୍ରଜ୍ଞାନାନନ୍ଦ।

# ନମ୍ବରୱାନ୍ ସିନରଙ୍କୁ ହରାଇ ଅଲକାରାଜ ଚାମ୍ପିଅନ

## ■ ଜିତିଲେ କ୍ୟାରିୟର୍‌ର ପଞ୍ଚମ ଗ୍ରାଣ୍ଡସ୍ଲାମ
## ■ ଦୀର୍ଘ ୫ ଘଣ୍ଟା ୨୯ ମିନିଟ ଧରି ଲଢ଼େଇ



ପ୍ୟାରିସ,୯।୬(ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନରଙ୍କୁ ୪-୬, ୬-୭ (୪-୭), ୬-୪, ୭-୬ (୭-୪), ୭-୬ (୧୦-୨) ସେଟ୍‌ରେ ପରାଜିତ କରି ଦୁଇ ନମ୍ବର ଖେଳାଳି କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।

ସିନର ଏବଂ ଅଲକାରାଜ ଦୁଇ ଯୁବ ଖେଳାଳି ଜଣେ ବିଶ୍ୱର ୧ ନମ୍ବର, ଆଉ ଜଣେ ୨ ନମ୍ବର। ଭରପୂର ଉତ୍ସାହ, ଅଦମ୍ୟ ସାହସ ଏବଂ ଶରୀରରେ ଅପାର ଶକ୍ତି ରୋଲାଣ୍ଡ-ଗାରୋସରେ ଚାଲିଥିଲା ସିଙ୍ଗଲ୍ସ ଫାଇନାଲ ଲଢ଼େଇ କିଏ କାହାଠୁ ଊଣା ନଥିଲେ, କେହି ବି ହାର ମାନିବାକୁ ପ୍ରସ୍ତୁତ ନଥିଲେ ଦର୍ଶକ ବି ଉତ୍ସାହିତ ଥିଲେ। ଦୀର୍ଘ ୫ ଘଣ୍ଟା ୨୯ ମିନିଟ ଧରି ଚାଲିଥିଲା ଲଢ଼େଇ, କ୍ଲାନ୍ତ ଜଣା ପଡୁନଥିଲେ ଦୁହେଁ। ପ୍ରତ୍ୟେକ ସେଟ୍ ପରେ ଦୁଇ ଖେଳାଳି ଏକ ନୂଆ। ଫୂର୍ତ୍ତି ନେଇ ଖେଳ ଜାରି ରଖିଥିଲେ। ବୟସ ଅଧିକ ନୁହଁ, କିନ୍ତୁ ଦୁହିଁଙ୍କ ଖେଳରେ ଭରି ରହିଥିଲା ସ୍ୱସୃଜନର କଳାତ୍ମକ ଦିଗ। ଯାହା ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇ ଥିଲା।କିନ୍ତୁ ଦ୍ୱିତୀୟ ସେଟ୍ ପରେ ଅଲକାରାଜ ଯେଉଁ ଭଳି ପ୍ର୍ୟାବର୍ତ୍ତନ କଲେ ତାହା ଥିଲା ଅବିଶ୍ୱସନୀୟ, ଅଦ୍ଭୁତ ଓ ଅକଳ୍ପନୀୟ।

୨୩ ବର୍ଷୀୟ ଇଟାଲୀ ତାରକା ସିନର ପ୍ରଥମ ସେଟ୍‌କୁ ୬-୪ରେ ଜିତିବା ପରେ ଦ୍ୱିତୀୟ ସେଟ୍ ହୋଇଥିଲା ତୀବ୍ର ସଂଘର୍ଷପୂର୍ଣ୍ଣ ଶେଷରେ ଟାଇବ୍ରେକରରେ ସିନର ୭ (୭)-୬ (୪) ଏହି ସେଟ୍‌କୁ ଜିତି ଅଗ୍ରଣୀ ଲାଭ କରିଥିଲେ। କିନ୍ତୁ ତୃତୀୟ ସେଟ୍‌ରେ ଅଲକାରାଜ ପ୍ରତ୍ୟାବର୍ତ୍ତନ କରି ୬-୪ରେ ଜିତିଲେ। ଚତୁର୍ଥ ସେଟ୍‌ରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ହୋଇଯିବ ବୋଲି ମନେ ହେଉଥିଲା। ମାତ୍ର ଦୁଇ ଖେଳାଳି ଜବରଦସ୍ତ ଲଢ଼େଇ କଲେ। ଏହି ସେଟ୍‌ରେ ବି ଶେଷରେ ଟାଇବ୍ରେକରରେ ନିର୍ଣ୍ଣୟ ହେଲା।। ଅଲକାରାଜ ୭(୭)-୬(୩)ରେ ଜିତିବା ପରେ ଖେଳ ପଞ୍ଚମ ସେଟ୍‌କୁ ଯାଇଥିଲା। ଅନ୍ତିମ ସେଟ୍ ଅଧିକ ରୋମାଞ୍ଚକର ଥିଲା। କେତେବେଳେ ଅଲକାରାଜ ତ ପୁଣି କେତେବେଳେ ସିନର ଆଗଉ ଥିଲେ। ପୁଣି ଏ ସେଟ୍ ଟାଇବ୍ରେକରକୁ ଯାଇଥିଲା। ଟାଇବ୍ରେକର ମଧ୍ୟ ରୋମାଞ୍ଚକର ହୋଇଥିଲା। ସିନରଙ୍କୁ ବିଶେଷ ସୁଯୋଗ ନଦେଇ ଅଲକାରାଜ ୬-୬ (୧୦-୨)ରେ ବିଜୟୀ ହୋଇ କ୍ୟାରିୟରରେ କ୍ରମାନ୍ୱୟରେ ଦ୍ୱିତୀୟ ଫ୍ରେଞ୍ଚ୍ ଓପନ ଟାଇଟଲ ଏବଂ ପଞ୍ଚମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ଗୌରବ ଲାଭ କରିଥିଲେ।ଶେଷ ୩ ସେଟ୍‌କୁ ଅଲକାରାଜ କବ୍‌ଜା କରି ମ୍ୟାଚ୍ ଜିତିଥିଲେ ବି ଶେଷ ଦୁଇ ସେଟ୍ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଥିଲା । ଫ୍ରେଞ୍ଚ୍ ଓପନ ଇତିହାସରେ ଏକ ଶ୍ରେଷ୍ଠ ମ୍ୟାଚ ଦେଖିବାକୁ ମିଳିଥିଲା। ଅଲକାରାଜ ପୂର୍ବରୁ ୨୦୨୪ରେ ଫ୍ରେଞ୍ଚ ଓପନ ୱିମ୍ବଲଡନ, ୨୦୨୩ରେ ୱିମ୍ବଲଡନ ଓ ୨୦୨୨ରେ ୟୁଏସ୍ ଓପନ ଜିତିଥିଲେ । ରୋଲାଣ୍ଡ-ଗାରୋସରେ ଆଜିର ଫାଇନାଲ ଥିଲା ସବୁଠୁ ଦୀର୍ଘତମ, ଯାହା ୫ ଘଣ୍ଟା ୨୯ ମିନିଟ୍ ଚାଲିଥିଲା। ସିନର ଗତ ବର୍ଷ ୟୁଏସ୍ ଓପନ, ଅଷ୍ଟ୍ରେଲିଆ। ଓପନ ଜିତିଥିଲେ। ଚଳିତ ବର୍ଷ ମଧ୍ୟ ଅଷ୍ଟ୍ରେଲିଆ। ଓପନ ଟାଇଟଲ ସହ ଯାତ୍ରା ଆରମ୍ଭ କରିଥିଲେ । କିନ୍ତୁ ଫ୍ରେଞ୍ଚ ଓପନରେ ତାଙ୍କ ଯାତ୍ରାରେ ବ୍ରେକ ଲଗାଇଛନ୍ତି ଅଲକାରାଜ।

# ବେଙ୍ଗାଲୁରୁର କ୍ରିକେଟ୍ ଷ୍ଟାଡିୟମ ହେବ ସ୍ଥାନାନ୍ତର



## ବେଙ୍ଗାଲୁରୁ ଦଳାଚକଟା ମାମଲାରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲା

ବେଙ୍ଗାଲୁରୁ: ୧୮ ବର୍ଷ ପରେ ପ୍ରଥମ ଆଇପିଏଲ୍ ଟ୍ରଫି ଜିତିବାର ଖୁସି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ପ୍ରଶଂସକଙ୍କ ପାଇଁ ଶୋକରେ ପରିଣତ ହୋଇଛି।ଜୁନ ୪ରେ ଆୟୋଜିତ ବିଜୟ ଉତ୍ସବରେ ଘଟିଥିବା ଭୟଙ୍କର ଦଳାଚକଟାରେ ୧୧ ଜଣଙ୍କ ମୃତ୍ୟୁ ଘଟିବା ମାମଲା ଦିନକୁ ଦିନ ଜଟିଳ ରୂପ ନେବାରେ ଲାଗିଛି। ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ରାଜ୍ୟ ସରକାର ପୋଲିସ କମିଶନର ସମେତ ୫ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି ଏବେ ଏହି ମାମଲାରେ କର୍ଣ୍ଣାଟକ ସରକାର ବଡ଼ ନିଷ୍ପତ୍ତି ନେଇ ପାରନ୍ତି। ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଉପରେ ବିଚାର କରୁଛନ୍ତି ସରକାର।

କର୍ଣ୍ଣାଟକର ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ବେଙ୍ଗାଲୁରୁର କ୍ରିକେଟ୍ ଷ୍ଟାଡିୟମକୁ ସ୍ଥାନାନ୍ତର କରିବା ଉପରେ ଗମ୍ଭୀର ଭାବେ ବିଚାର କରୁଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ମୁଁ ବ୍ୟକ୍ତିଗତ ଭାବେ ଏହି ଦୁର୍ଘଟଣାକୁ ନେଇ ମର୍ମାହତ। ସରକାରି ଏହି ମାମଲାରେ ଦୀର୍ଘକାଳୀନ ସମାଧାନ ଉପରେ ବିଚାର କରୁଛନ୍ତି ସେହି ହିସାବରେ ଷ୍ଟାଡିୟମକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବ।

ସିଦ୍ଧରମୈୟା କହିଛନ୍ତି, ଏମିତି ଦୁର୍ଘଟଣା କୌଣସି ସରକାରଙ୍କ କାର୍ଯ୍ୟକାଳରେ ହେବା ଉଚିତ ନୁହେଁ। ଏହି ଘଟଣା ମୋତେ ଓ ସରକାର ସମସ୍ତଙ୍କୁ ମର୍ମାହତ କରିଛି। ଘଟଣାରେ ୫ ଜଣ ପୋଲିସ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଛି। ଗୁଇନ୍ଦା ବିଭାଗର ପ୍ରମୁଖ ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବଙ୍କୁ ମଧ୍ୟ ବଦଳି କରି ଦିଆଯାଇଛି। ମାମଲାକୁ ଗମ୍ଭୀରତାର ସହ ଗ୍ରହଣ କରାଯାଇ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା କହିଛନ୍ତି। ଅନ୍ୟପଟେ ଆରସିବି ନିଜ ପଦାଧିକାରୀଙ୍କ ବିରୋଧରେ ରୁଜୁ ଏଫଆଇଆର ପ୍ରତିବାଦରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଆରସିବି ନିଜର ଆବେଦନରେ କହିଛି ଯେ, କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଦଳର ସମ୍ମାନ ସମାରୋହରେ ଲୋକଙ୍କୁ ଆମନ୍ତ୍ରିତ କରିଥିଲେ। ଆରସିବି ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କ ଟୁଇଟ୍‌କୁ ପ୍ରମାଣ ଭାବେ ଉପସ୍ଥାପନ କରିଛି ଫ୍ରାଞ୍ଚାଇଜ। ଏହା ମଧ୍ୟ କହିଛି ଯେ, ଷ୍ଟାଡିୟମ ବାହାରେ ଦଳାଚକଟାରେ ଲୋକଙ୍କ ମୃତ୍ୟୁ ଖବର ସେତେବେଳେ ମିଳିଲା। ଯେତେବେଳେ ଷ୍ଟାଡିୟମରେ ସମାରୋହ ଆରମ୍ଭ ହୋଇ ସାରିଥିଲା। ଯାଚିକାରେ ଏହା ମଧ୍ୟ ଦାବି କରାଯାଇଛି ଯେ, ଆରସିବି ଦ୍ୱାରା ସୋସିଆଲ ମିଡିଆରେ ସେୟାର ହୋଇଥିବା ପୋଷ୍ଟରେ ସ୍ପଷ୍ଟ ଭାବେ ଲେଖାଯାଇଥିଲା। ଯେ ପଡ଼ିଆରେ ସେହି ଲୋକଙ୍କୁ ପ୍ରବେଶ ଅନୁମତି ମିଳିବ ଯେଉଁମାନେ ବେଙ୍ଗାଲୁରୁ ଦଳର ଅଫିସିଆଲ ୱେବସାଇଟ୍‌ରେ ପଞ୍ଜୀକୃତ କରିଛନ୍ତି।

# ଏଲ୍‌ବିଡବ୍ଲ୍ୟୁ ପରେ ରାଗିଗଲେ ଅଶ୍ୱିନ

ନୂଆଦିଲ୍ଲୀ ୦୯।୦୬: ବିବାଦରେ ଫସିଲେ ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍‌ରାଉଣ୍ଡର । ତାମିଲନାଡୁ ପ୍ରିମିୟର ଲିଗ୍‌ରେ ରାଗିଯାଇଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ଡିଣ୍ଡିଗୁଲ ଡ୍ରାଗନ୍ସ ପାଇଁ ଖେଳୁଥିବା ୩୮ ବର୍ଷୀୟ ଅଶ୍ୱି ପାଇଁ ଖେଳୁଥିବା ସାଇ କିଶୋରଙ୍କ ବଲରେ ଆଉଟ୍ ହୋଇଥିଲେ । କିନ୍ତୁ ଏଥିରେ ନିରାଶ ହୋଇଥିଲେ ଅଶ୍ୱିନ୍ ।ସେ ମହିଳା ଅମ୍ପାୟରଙ୍କ ସହିତ ଦୀର୍ଘ ସମୟ ଧରି ଯୁକ୍ତିତର୍କ କରୁଥିବା ଦେଖିବାକୁ ମିଳିଥିଲା। ଏମିତିକି ସେ ପଡ଼ିଆ। ଛାଡିବା ସମୟରେ ରାଗରେ ପ୍ୟାଡ୍ ଉପରେ ନିଜର ବ୍ୟାଟ୍ ମାରିଥିଲେ ।



ତେବେ ଏହାକୁ ନେଇ ଜଣେ କମେଣ୍ଟେଟର କହିଛନ୍ତି, ଅଶ୍ୱିନ କହୁଛନ୍ତି ଯେ 'ମ୍ୟାଡାମ୍, ସେ ଏହି ବଲକକୁ ଓଭର ଦ ୱିକେଟ୍ ପକାଇଛନ୍ତି। ସେ ଯୁକ୍ତି କରିଛନ୍ତି ଯେ ବଲ୍ ଲେଗ୍ ଷ୍ଟମ୍ପ ବାହାରେ ପିଚ୍ ହୋଇଛି। ଡିଣ୍ଡିଗୁଲ୍ ଡ୍ରାଗନ୍ସ ଅମ୍ପାୟରଙ୍କ ୱାଇଡ୍ କଲକୁ ଓଲଟାଇ ଦେବା ଆଶାରେ ପ୍ରାରମ୍ଭିକ ଓଭରରେ ନିଜର ୨ଥରର ରିଭ୍ୟୁକୁ ହରାଇ ଦେଇଥିଲେ। ଅଶ୍ୱିନ ଆଉଟ୍ ହେବା ପରେ ଡ୍ରାଗନ୍ସ ଅଧିକ ସ୍କୋର କରିପାରି ନଥିଲା ଅଶିନ୍‌ଙ୍କ ୧୮ ରନ୍ ଥିଲା ।ଆରକେ ଜୟନ୍ତଙ୍କ ସହିତ ମିଳିତ ଦ୍ୱିତୀୟ ସର୍ବାଧିକ ସ୍କୋର। ଶିବମ୍ ସିଂହ ୩୦ ରନ୍ କରିଥିଲେ। କାରଣ ଡ୍ରାଗନ୍ସ ୧୬.୨ ଓଭରରେ ମାତ୍ର ୯୩ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ତାମିଜାହାନ୍ସ ପାଇଁ ଏସକିମୁଥୁ ଏ ଚାରିଟି ୱିକେଟ୍ ନେଇଥିଲେ । ଯେତେବେଳେ ଏମ୍ ମାଥିଭାନନ୍ ତିନୋଟି ୱିକେଟ୍ ନେଇଥିଲେ। ଅଧିନାୟକ ସାଇ କିଶୋର ମଧ୍ୟ ଦୁଇଟି ୱିକେଟ୍ ନେଇଥିଲେ।

ବର୍ଡର-ଗାଭାସ୍କର ଟ୍ରଫି ତୃତୀୟ ଟେଷ୍ଟ୍ ପରେ ଆର ଅଶ୍ୱିନଙ୍କ ଅବସର ସେତେବେଳେ ଟିକେ ଆଶ୍ଚର୍ଯ୍ୟଜନକ ଥିଲା। ଆଡିଲେଡ୍ ଟେଷ୍ଟରେ ସ୍ପିନରମାନଙ୍କ ପାଇଁ ଅନୁକୂଳ ନଥିବା କେଟରେ ଭଲ ବୋଲିଂ କରିବା ପରେ, ଅଫ୍-ସ୍ପିନରଙ୍କୁ ଗାବା ଟେଷ୍ଟରୁ ବାଦ ଦିଆଯାଇଥିଲା। ଏହାପରେ ସେ ଅବସର ନେଇଥିଲେ ରବିଚନ୍ଦନ ଅଶ୍ୱିନୀଙ୍କ ନାଁରେ ରହିଛି ୫୩୭ ୱିକେଟ୍ ।

# ସରିଲା କ୍ରିକେଟର ରିଙ୍କୁ ସିଂଙ୍କ ନିର୍ବନ୍ଧ

## ପ୍ରିୟା ସରୋଜଙ୍କୁ ପିନ୍ଧାଇଲେ ମୁଦି, ଲୁହ ଅଟକାଇ ପାରିଲେନି ସାଂସଦ



ଲକ୍ଷ୍ନୌ,୦୯।୦୬: ଖୁବଶୀଘ୍ର ବିବାହ କରିବାକୁ ଯାଉଛନ୍ତି ଭାରତୀୟ କ୍ରିକେଟର ରିଙ୍କୁ ସିଂ ସମାଜବାଦୀ ପାର୍ଟି ସାଂସଦ ପ୍ରିୟା ସରୋଜଙ୍କ ସହ ରିଙ୍କୁ ସିଂଙ୍କ ନିର୍ବନ୍ଧ ସରିଛି। ଲକ୍ଷ୍ନୌର ଏକ ପଞ୍ଚତାରକା ହୋଟେଲରେ ରିଙ୍ଗ୍ ସେରିମନି ଅନୁଷ୍ଠିତ ହୋଇଛି। ନିର୍ବନ୍ଧ ବେଳର ଫଟୋ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ରିଙ୍କୁ ପ୍ରିୟାଙ୍କୁ ମୁଦି ପିନ୍ଧାଇବା ବେଳେ ସେ ଭାବୁକ ହୋଇ ପଡିଥିଲେ। ଲୁହକୁ ଅଟକାଇ ପାରି ନଥିଲେ ସାଂସଦ ପ୍ରିୟା ସରୋଜ।ଦୁହିଁଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ଭାବୁକ ହେଲେ ପ୍ରିୟା ସରୋଜ- ରିଙ୍କୁ ସିଂ ମୁଦି ପିନ୍ଧାଇବା ବେଳେ ପ୍ରିୟା ଭାବୁକ ହୋଇ ପଡିଥିଲେ। ଲୁହକୁ ଅଟକାଇ ପାରିନଥିଲେ। ତାଙ୍କ ଆଖିରେ ଖୁସିର ଲୁହ ଆସିଥିଲା। ନିର୍ବନ୍ଧରେ ରିଙ୍କୁ ଧଳା ରଙ୍ଗର ଶେରାନୀ ପିନ୍ଧିଥିଲେ। ସାଂସଦ ପ୍ରିୟା ସରୋଜ ଲାଇଟ୍ ଗୋଲାପି ଲେହେଙ୍ଗା ପିନ୍ଧିଥିବା ଦେଖିବାକୁ ମିଳିଥିଲା। ଷ୍ଟେଜରେ ପ୍ରିୟା ପହଞ୍ଚିବା ପରେ ଭାବୁକ ହୋଇଥିଲା ଦେଖିବାକୁ ମିଳିଥିଲା। ରିଙ୍କୁ ସିଂ ତାଙ୍କୁ ସମ୍ଭାଳିଥିଲେ। ଏହା ପରେ ଦୁହେଁ ପରସ୍ପରକୁ ଚାହିଁ ହସିଥିଲେ। ଏହି ସମାରୋହରେ ପ୍ରାୟ ୩୦୦ ଅତିଥି ଯୋଗ ଦେଇଥିଲେ।

ସପା ନେତା ରାମଗୋପାଳ ଯାଦବ, ଶିବପାଳ ସିଂହ ଯାଦବ ଓ ସାଂସଦ ରଜୀବ ରାୟ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଳା ଓ ଜୟା ବଚ୍ଚନ ପ୍ରମୁଖ ଯୋଗ ଦେଇଥିଲେ। ଦୁହିଁଙ୍କର କେବେ ବିବାହ କେବେ ସେ ନେଇ ତାରିଖ ଜଣା ପଡିନାହିଁ। କିଛି ଦିନ ତଳେ ଭାରତୀୟ କ୍ରିକେଟ ଦଳର ଚାଇନା ମ୍ୟାନ କୁଳଦୀପ ଯାଦବଙ୍କର ନିର୍ବନ୍ଧ ହୋଇଥିଲା। ପିଲାଦିନ ବନ୍ଧୁ ବଂଶୀକାଙ୍କ ସହ ତାଙ୍କର ନିର୍ବନ୍ଧ ହୋଇଥିଲା।

# ଆଇପିଏଲ୍ ୨୫ର ଫ୍ଲପ୍ ଇଲେଭେନ୍

ନୂଆଦିଲ୍ଲୀ,୦୯।୬: ୨୦୨୫ରେ ରହିଛନ୍ତି ଫ୍ଲପ୍ ୧୧ ଏହି ଲିଷ୍ଟରେ ଅଛନ୍ତି ଅନେକ ମହାନ ଖେଳାଳି ଏଥିରେ ଏପରି ୨ ପ୍ଲେୟର ଅଛନ୍ତି ଯାହାଙ୍କ ଦରମା ମିଶି ୫୦ କୋଟିରୁ ଅଧିକ ରିଷଭ ପନ୍ତ ଏବଂ ଭେଙ୍କଟେଶ ଆୟର, ଉଭୟଙ୍କ ଦରମା ୫୦ କୋଟି ପାର କରେ ଏହାବ୍ୟତୀତ ଏମ୍ଏସ୍ ଧୋନିଙ୍କ ନାମ ମଧ୍ୟ ଲିଷ୍ଟରେ ଅଛି ସାମିଲ।ଫ୍ଲପ୍ ୧୧ର ଓପନର ଭାବେ ଅଛନ୍ତି ରଚିନ ରବିନ୍ଦ୍ର।ସିଜିନରେ ୮ଟି ମ୍ୟାଚରେ ସେ କରିଛନ୍ତି ୧୯୧ ରନ୍। ତାଙ୍କ ସାଥ୍ ଦେଉଛନ୍ତି ଈଶାନ କିଶାନ। ଈଶାନ ଗୋଟିଏ ଶତକ ଏବଂ ଗୋଟିଏ ଅର୍ଦ୍ଧଶତକ କରିଥିଲେ । ଯଦି ଏହି ଦୁଇଟି ଇନିଂସକୁ ହଟାଯାଏ, ତେବେ ସେ ୧୨ଟି ଇନିଂସରେ କେବଳ ୧୫୪ ରନ କରିଛନ୍ତି।ଏହି ଲିଷ୍ଟର ତୃତୀୟରେ ରହିଛନ୍ତି ରିଷଭ ପନ୍ତ। ସେ ଚଳିଳବର୍ଷ କିଛି ବିଶେଷ ପ୍ରଦର୍ଶନ କରିନାହାଁନ୍ତି। ତାଙ୍କ ଶତକକୁ ବାଦ ଦେଲେ ସେ କରିଛନ୍ତି ମାତ୍ର ୧୫୧ ରନ୍ । ଭେଙ୍କଟେଶ ଆୟର ଲିଷ୍ଟର ଚତୁର୍ଥ ସ୍ଥାନରେ ରହିଛନ୍ତି ସେ ଚଳିତ ସିଜନରେ ନିରାଶ କରିଥିଲେ ୨୩ କୋଟି ୭୫ଲକ୍ଷରେ କେକେଆର ତାଙ୍କୁ ଟିମ୍ରେ ଯୋଡିଥିଲା କିନ୍ତୁ ସେ ପୁରା ସିଜିନରେ ମାତ୍ର ୧୪୨ ରନ୍ କରିଥିଲେ ୫ମ ସ୍ଥାନରେ ରହିଛନ୍ତି ନୀତିଶ କୁମାର ରେଡ୍ଡୀ। ଚଳିତ ସିଜନରେ ତାଙ୍କ ବ୍ୟାଟିଂ ସମସ୍ତଙ୍କୁ ନିରାଶ କରିଥିଲା। ଲିଆମ୍ ଲିଭିଂଷ୍ଟୋନ୍ ୬ ନମ୍ବରରେ ରହିବେ। ସେ ସିଜନରେ କେବଳ ୧୧୨ ରନ୍ କରିଥିଲେ। ୭ନମ୍ବରରେ ରହିଛନ୍ତି ଗ୍ଲେନ୍ ମ୍ୟାକ୍ସୱେଲ୍ ସେ ୭ ମ୍ୟାଚରେ କରିଛନ୍ତି। ମାତ୍ର ୪୮ ରନ୍ ଏମ୍ଏସ୍ ଧୋନି ଚଳିତବର୍ଷ ୧୯୬ ରନ୍ କରିଥିଲେ। ରଶିଦ୍ ଖାନ ଚଳିତ ବର୍ଷ ବହୁତ ଖରାପ ବୋଲିଂ କରିଥିଲେ। ରଶିଦ୍ ମାତ୍ର ୯ଟି କେଟ୍ ନେଇଥିଲେ ଏହି ବର୍ଷ ମହମ୍ମଦ ଶାମି ଏବଂ ଈଶାନ୍ତ ଶର୍ମା ବହୁତ ଖରାପ ବୋଲିଂ କରିଥିଲେ। ସେମାନେ ଏହି ଫ୍ଲପ୍ ୧୧ର ଅଂଶ।

# ସୈନିକ ସ୍କୁଲ୍ ଭୁବନେଶ୍ୱରରେ ଆନ୍ତଃ ଗ୍ରୁପ୍ ଫୁଟବଲ୍ ଆରମ୍ଭ



ଭୁବନେଶ୍ୱର,୯।୬: ରକ୍ଷା ମନ୍ତ୍ରାଳୟ ଅଧୀନେର ଥିବା ଏକ ପ୍ରମୁଖ ଆବାସୀୟ ସ୍କୁଲ୍ ସୈନିକ ସ୍କୁଲ୍ ଭୁବନେଶ୍ୱର ଆଜି ଗର୍ବର ସହିତ ଅଖିଳ ଭାରତ ସୈନିକ ସ୍କୁଲ୍ ଇଣ୍ଟର ଗ୍ରୁପ୍ ଫୁଟବଲ୍ ଟୁର୍ଣ୍ଣାମେ ୨୦୨୫ ର ଉଦଘାଟନ କରିଛି। ଏହି କ୍ରୀଡା ପ୍ରତିଯୋଗିତା ଭାରତର ବିଭିନ୍ନ ସୈନିକ ସ୍କୁଲ୍ ର ଶ୍ରେଷ୍ଠ ଯୁବ ଖେଳାଳିମାନଙ୍କୁ ଏକତ୍ରିତ କରୁଥିବା। ଏହି କାର୍ଯ୍ୟକ୍ରମ ୭ ରୁ ୧୫ ଜୁନ୍ ୨୦୨୫ ପର୍ଯ୍ୟନ୍ତ ଚାଲିବ। ଉଦଘାଟନ ସମାରୋହ ସୈନିକେ ସ୍କୁଲ୍ ଭୁବନେଶ୍ୱର ଭବୟ ପ୍ରାଙ୍ଗଣରେ ଆୟୋଜିତ ହୋଇଥିଲା, ଯେଉଁଠାରେ ସୂର୍ଯ୍ୟବଂଶୀ ସୂରଜ, ଗଣମାମଧ୍ୟମ କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ, ଓଡିଶା ସରକାର ମୁଖ୍ୟ ଅତିଥି ଭାବନର ଉପସ୍ଥିତ ଥିଲେ।

# ବାରବାଟୀରେ ହେବ ପୁଣି ଅନ୍ତର୍ଜାତୀୟ ମ୍ୟାଚ୍



କଟକ,୯।୬: ବାରବାଟୀକୁ ପୁଣି ଫେରିଛି ଟି-୨୦। ଆସନ୍ତା ଡିସେମ୍ବର ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଖେଳାଯିବ ଭାରତ ବନାମ ଦକ୍ଷିଣ ଆଫ୍ରିକା ଟି-୨୦ ମ୍ୟାଚ। ଏ ନେଇ ବିସିସିଆଇ ପୂର୍ବରୁ ଓସିଏ ସୂଚନା ଦେଇ ସାରିଥିବା ବେଳେ ଆଜି ବିଧିବଦ୍ଧ ଭାବେ ଖେଳସୂଚୀ ପ୍ରକାଶ କରିଛି। ଆସନ୍ତା ନଭେମ୍ବର ମାସରୁ ଦକ୍ଷିଣ ଆଫ୍ରିକା ଟିମ ଭାରତ ଭ୍ରମଣରେ ଆସିବାକୁ ଥିବା ବେଳେ ଏହି ଗସ୍ତରେ ଉଭୟ ଟିମ ମଧ୍ୟରେ ଦୁଇଟି ଟେଷ୍ଟ, ତିନୋଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ ବିଶିଷ୍ଟ ଏକ ସିରିଜ ଖେଳାଯିବ। ତେବେ ଏହି ଟି ୨୦ ସିରିଜ ମଧ୍ୟରୁ ପ୍ରଥମ ମ୍ୟାଚଟି ବାରବାଟୀରେ ଖେଳାଯିବ। ବାରବାଟୀକୁ ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବା ପାଇଁ ଓସିଏ ପକ୍ଷରୁ ବିସିସିଆଇକୁ ନିବେଦନ କରାଯାଇଥିଲା। ଗତ ଫେବୃଆରୀ ୯ ତାରିଖରେ ଭାରତ-ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଏକଦିବସୀୟ ମ୍ୟାଚ ବାରବାଟୀ ଷ୍ଟାଡିୟମରେ ସଫଳତାର ସହିତ ଶେଷ ହୋଇଥିଲା। କେବଳ ମ୍ୟାଚ ସମୟରେ ଫ୍ଲଡ ଲାଇଟ ଖରାପ ହେବା ଘଟଣାକୁ ଛାଡିଦେଲେ ବାକି ସବୁକିଛି ଯୋଜନା ମୁତାବକ ଚାଲିଥିଲା।

# ବୋଲ୍ଡ ହେବା ପରେ ବି ନଟ୍ ଆଉଟ୍ ରହିଲେ ବ୍ୟାଟର

ନୂଆଦିଲ୍ଲୀ,୦୯।୦୬: କ୍ରିକେଟକୁ କୁହାଯାଏ ଅନିଶ୍ଚିତତାର ଖେଳ ଭାଗ୍ୟ କେବେ ଏବଂ କିପରି ପରିବର୍ତ୍ତନ ହୁଏ ତାହା କେହି ଅନୁମାନ କରିପାରିପାରନ୍ତି। ବିଗ୍ କ୍ରିକେଟ୍ ଲିଗର ଏମପି ଟାଇଗର୍ସ ଏବଂ ୟୁପି ବ୍ରିଜ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ମଧ୍ୟ ସମାନ କିଛି ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଜଣେ ବ୍ୟାଟ୍ସର ବୋଲ୍ଡ ହେବା ପରେ ମଧ୍ୟ ଆଉଟ୍ ହୋଇନଥିଲେ। ଏହାପରେ ସେ ତାଙ୍କର ଶତକ ମଧ୍ୟ ପୂରଣ କରିଥିଲେ ବାସ୍ତବରେ ଘଟଣାଟି ସୁରଟରେ ଖେଳାଯାଉଥିବା ବିଗ୍ କ୍ରିକେଟ ଲିଗ୍‌ର ୬ଷ୍ଠ ମ୍ୟାଚ୍‌ର ଯାହା ସୋସିଆଲ ମିଡିଆରେ ହୋଇଥିଲା ବେଶ୍ ଭାଇରାଲ । ମ୍ୟାଚରେ, ଏମପି ଟାଇଗର୍ସ ପ୍ରଥମେ ବ୍ୟାଟିଂ କରି ସାକେତ ଶର୍ମା ଏବଂ ପବନ ନେଗିଙ୍କ ବିସ୍ଫୋରକ ଇନିଂସ ସହିତ ୨୩୯ ରନର ଏକ ବିଶାଳ ସ୍କୋର କରିଥିଲା ଏମପି ବିପକ୍ଷରେ ମ୍ୟାଚରେ ୟୁପି ବ୍ରିଜ୍ ବହୁତ ଖରାପ ଆରମ୍ଭ କରିଥିଲା ଉଭୟ ଓପନର ୧୦ ରନ ମଧ୍ୟ ଯୋଡି ପାରିନଥିଲେ ଏବଂ ଆଉଟ ହୋଇଥିଲେ କିନ୍ତୁ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିବା ଚିରାଗ ଗାନ୍ଧୀ ଏହି ଦାୟିତ୍ୱ ନେଇଥିଲେ। ବ୍ୟାଟିଂରେ ଚିରାଗଙ୍କ ବ୍ୟତୀତ ଅନ୍ୟ କୌଣସି ଖେଳାଳି ୟୁପି ପାଇଁ ନିଜର ଚମକ ଦେଖାଇ ପାରିନଥିଲେ ଗୋଟିଏ ପାର୍ଶ୍ୱରୁ ୟୁପି ୱିକେଟ୍ ପଡ଼ିବାରେ ଲାଗିଥିଲା, କିନ୍ତୁ ଚିରାଗ ଅନ୍ୟ ପାର୍ଶ୍ୱରୁ ଜୋରଦାର ବ୍ୟାଟିଂ କରି ଚାଲିଥିଲେ। କ୍ରମାଗତ ୱିକେଟ୍ ପତନ ମଧ୍ୟରେ ୟୁପିର ପରାଜୟ ନିଶ୍ଚିତ ଥିଲା । କିନ୍ତୁ ମ୍ୟାଚ୍‌ରେ ମୋଡ଼ ସେତେବେଳେ ଆସିଲା ଯେତେବେଳେ ଚିରାଗ ଗାନ୍ଧୀଙ୍କୁ ପବନ ନେଗି ୯୮ ରନ ସ୍କୋରରେ ବୋଲ୍ଡ କଲେ ବଲ୍ କେଟ୍ ସହିତ ବାଜିବା ମାତ୍ରେ ୟୁପିର ସମସ୍ତ ଆଶା ଭାଙ୍ଗିଗଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ